ସକାଳ THE SAKALA



www.sakalaepaper.com

# ଭୂତକୋଠି ପାଲଟିଛି ତହସିଲ୍‌ର ରେକର୍ଡ ରୁମ୍

କୋଦଳା,୪।୬(ସମିସ)

ଗଞ୍ଜାମ ଜିଲ୍ଲାର କୋଦଳା ତହସିଲ ହେଉଛି ଦୀର୍ଘ୧୦୦ ବର୍ଷ ତଳର ମଦର ତହସିଲ। ୧୯୨୬ରେ ପ୍ରତିଷ୍ଠା ହୋଇଥିବା ଏହି ତହସିଲ କାର୍ଯ୍ୟାଳୟ ଚଳିତ ବର୍ଷ ଶହେ ବର୍ଷ ପୂରଣ କରିଛି ସିନା ନିଜସ୍ୱ କୋଠା ଅସୁରକ୍ଷିତ ଅବସ୍ଥାରେ ରହିଛି। ବର୍ଷା ହେଲେ ବିଭିନ୍ନ ଛାତ ଓ କାନ୍ଥ ଦେଇ ବର୍ଷା ଜଳ ପଡୁଥିବା ସନ୍ଦେହ କରାଯାଇଛି। ରେକର୍ଡ ରୁମ ଅବସ୍ଥା ନକହିଲେ ଭଲ। ରେକର୍ଡ ରୁମର ଚତୁପାର୍ଶ୍ୱର୍ରେ ଗଛ ଲତା ମାଳି ଅରଣ୍ୟର ଭ୍ରମ ସୃଷ୍ଟି କରୁଛି। ବିଷଧର ସାପ, ଗୋଧି ମଧ୍ୟ ଅନେକ ସମୟରେ ଏଇଠି ଦେଖାଯାଆନ୍ତି। ସେପଟେ ପୁରୁଣା କୋଠା ଉପରେ ବର୍ଷା ଦାଉରୁ

**ନୂଆ କୋଠାକୁ ତହସିଲ୍ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉନି**

ରକ୍ଷା ପାଇବା ପାଇଁ ତାରପୋଲିନ ପାଲ ଆଚ୍ଛାଦିତ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ କୋଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ୧ କୋଟି ୨୭ ଲକ୍ଷ ୩୮ ହଜାର ୩୫୯ ଟଙ୍କା ବ୍ୟୟରେ ନୂତନ ତହସିଲ କାର୍ଯ୍ୟାଳୟ ଓ ରେକର୍ଡ ରୁମ ପାଇଁ କୋଠା ନିର୍ମାଣ ବର୍ଷେ ହେଲା ସାରିଥିବା ବେଳେ ସଠିକ ଭାବେ କାର୍ଯ୍ୟ ହୋଇନଥିବା ସହ ବାହାର ପାଖ ବିଦ୍ୟୁତ କରଣ ଓ ପାଚେରୀ ନିର୍ମାଣ ହୋଇନଥିବା ଯୋଗୁଁ ଏହି କୋଠାକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରୁନି। ସେପଟେ ପୁରୁଣା କୋଠା ନିକଟରେ ତହସିଲ କର୍ମଚାରୀଙ୍କ ପାଇଁ ଥିବା କ୍ୱାର୍ଟରରୁ କର୍ମଚାରୀ ଯାଇ ନୂତନ ତହସିଲ କୋଠା ନିକଟରେ ହୋଇଥିବା କ୍ୱାର୍ଟରରେ ରହିଗଲେଣି ଯାହା ଫଳରେ ପୁରୁଣା କ୍ୱାର୍ଟରକୁ ମରାମତି କରାଯାଉଥିବାରୁ ଏହା ବି ଭୁତକୋଠି ପାଲଟିଛି। ଆଗରୁ ବେଗୁନିଆପଡା ବ୍ଲକର ଅର୍ଦ୍ଧାଧିକ ପଞ୍ଚାୟତ ଖଲ୍ଲିକୋଟ ତହସିଲ ଅଧୀନରେ ଥିବା ବେଳେ ୨୦୦୯ ମସିହାରେ କୋଦଳା ତହସିଲରେ ବେଗୁନିଆପଡା ବ୍ଲକର ୨୨ ପଞ୍ଚାୟତ ଓ ପରେ ବର୍ଦ୍ଧିତ ଘୋଡାପଡାକୁ ମିଶାଇ ୨୩ଟି ପଞ୍ଚାୟତ ମିଶିଥିଲା। ଏଣୁ ତହସିଲ ବିଭାଗର ସ୍ୱାର୍ଥ ସହ ଲୋକଙ୍କ ସ୍ୱାର୍ଥ ପାଇଁ ଏହି କୋଠା କାର୍ଯ୍ୟ ତୁରନ୍ତ ସରିବା ସହ କାର୍ଯ୍ୟାଳୟ ସ୍ଥାନାନ୍ତର ନିହାତି ଆବଶ୍ୟକ ହୋଇପଡିଛି। ଏହି ବହୁ ପୁରାତନ ତହସିଲ ର ପୁନଃରୁଦ୍ଧାର ସହିତ କୋଦଳା ତହସିଲ କୁ ସବଡିଭିଜନ ମାନ୍ୟତା ପ୍ରଦାନ ପାଇଁ କୋଦଳା ସ୍'ାଭିମାନ ସୁରକ୍ଷ୍ୟା ଅଧିକାର ମଞ୍ଚ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟ ରେ ଲିଖିତ ପତ୍ର ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି କିନ୍ତୁ ଏଠାରେ ନା ପ୍ରଶାସନ କିମ୍ବା ଟ୍ରିପଲ ଇଂଜିନ ସରକାର ଏହି ଦାବିକୁ ବୈମାତୃକ ମନୋଭାବ ପୋଷଣ କରିଲା ଭଳି ମନେ ହେଉଛି, ଏଣୁ ଏହାକୁ ଗୁରତ୍ୱ ଦେଇ ଏହାର ସମାଧାନ କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

# କୋହଲା ନୃତ୍ୟରେ ଶ୍ରୀହରିଙ୍କ ପ୍ରଚାର



ଛତ୍ରପୁର,୪।୬(ସମିସ): ଗଞ୍ଜାମ ଜିଲ୍ଲାର ଆରାଧ ଦେବୀ ମା'ତାରାତାରିଣୀଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାହାଡ଼ରେ ଚାଲି ଚାଲି ଯାଇ କୋହଲା ନୃତ୍ୟ ପରିବେଷଣ କରି ଆଧାତ୍ମିକ ପରିବେଶ ସୃଷ୍ଟି କରିଛନ୍ତି। ଛତ୍ରପୁର ବ୍ଲକ ଅନ୍ତର୍ଗତ ଘଡଘଡାପଲ୍ଲୀ ସ୍ଥିତ(ଆଇଆରଇ ଛକ)ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ କାମିନି ଦାସୁତ୍ତ ସତ୍ୟମ ସେବା ନୃତ୍ୟ କଳା କେନ୍ଦ୍ର ପକ୍ଷରୁ ସଭାପତି ତଥା କଳା ରତ୍ନ ଏବଂ ଜୟଦେବ ପୁରସ୍କାରପ୍ରାପ୍ତ ବଡ ଦାସୁତ୍ତ ଡ଼କ୍ଟର ଆର୍. ସତ୍ୟମ ରେ‡ୀ ଏବଂ ତାଙ୍କ କଳାକାର ( ଶିଷ୍ୟ) ମାନେ। ଏହା ସହିତ ଛତ୍ରପୁରର ଆରଧ୍ୟ ଦେବୀ ମା ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରାରେ କୋହଲା ନୃତ୍ୟର ତାଳେ ତାଳେ ଭକ୍ତ ମାନେ ଶ୍ରୀହରିଙ୍କ ଗୁଣଗାନ କରିଛନ୍ତି। ଦାସୁତ୍ତ ନୃତ୍ୟଗୁରୁ ଡ଼କ୍ଟର ଆର ସତ୍ୟମ୍ ରେ‡ୀଙ୍କ ନେତୃତ୍ୱରେ ୨୭ ଜଣ ଶିଷ୍ୟ ମା'ଙ୍କ ଠାରେ କୋହଲା ନୃତ୍ୟ ପ୍ରଦର୍ଶନରେ ଭକ୍ତଗଣଙ୍କୁ ଚମକୃତ୍ କରିଦେଇଥିଲା। ଅଗ୍ନି ମଶାଲ ଅବା କୋହଲା ନୃତ୍ୟ ପ୍ରଦର୍ଶନରେ ଏହି ଭକ୍ତିବାଦର ଦଳ ସମୂହଙ୍କ ନୃତ୍ୟ, ବାଦ୍ୟ, ଝାଞ୍ଜରେ ମୁଖରୀତ ହୋଇ ଉଠିଥିଲା। ସମସ୍ତେ ଶ୍ରୀ ହରିଙ୍କ ଭକ୍ତିଭାବାପ୍ନରେ ମଜ୍ଜି ଯାଇଥିଲେ। ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ନାମ ଶ୍ରୀ ହରି, ଶ୍ରୀ ହରି ଜପି ଭକ୍ତି-ଭାବାପ୍ନରେ ଭକ୍ତଗୋଷ୍ଠୀ, ବୁଦ୍ଧିଜୀବୀ ନିଜ ନିଜ ଭାବନାକୁ ଉତ୍ସର୍ଗୀକୃତ କରିଥିଲେ। ଏହି ଅବସରରେ ଯାତ୍ରା କମିଟି ମ୍ୟାନେଜର ସିଏଚ ଦୟାନନ୍ଦ ରେ‡ୀ ଏହି ସେବା ଦଳକୁ ସମ୍ମାନିତ କରିଥିଲେ।

# ବିଶ୍ୱ ପରିବେଶ ଦିବସରେ ସଫେଇ କାର୍ଯ୍ୟକ୍ରମ

ଶେରଗଡ଼,୪।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଶେରଗଡ ପଞ୍ଚାୟତ ସମିତି ପକ୍ଷରୁ ୨୨ଟି ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଡିଓ ତୃପ୍ତିମୟୀ ଜେନା ମହୁପଦର ପଞ୍ଚାୟତ ପରିସରରେ ଉପସ୍ଥିତ ରହି ନିଜେ ସଫେଇ କାର୍ଯ୍ୟରେ ନିୟୋଜିତ ରହିବା ସହ ପଞ୍ଚାୟତର ବିଭିନ୍ନ ୱାର୍ଡ ପରିଦର୍ଶନ କରି ମହିଳା ମାନେ ଏ ଦିଗରେ ଅଗ୍ରଣୀ ଭୂମିକା ନେବାକୁ ଅନୁରୋଧ କରିଥିଲେ। ସେହିପରି ଶେରଗଡ ବ୍ଲକର ସଦରର ଚତୁଃପାର୍ଶ୍ୱର୍ରେ ଅଳିଆ ପାହାଡ ଗଢି ଉଠିଥିବା ଦେଖିବାକୁ ମିଳିଥିଲା।



ଗଞ୍ଜାମ ଜିଲ୍ଲାପାଳ ସମଗ୍ର ଗଞ୍ଜାମ ଜିଲ୍ଲାକୁ ସୁନ୍ଦର ରଖିବା ଲାଗି ଏକ ଆଦେଶନାମା ଜାରି କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଆଦେଶକୁ ପଞ୍ଚାୟତରେ ନୂତନ ଭାବେ ଯୋଗ ଦେଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ସାବତଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟ ଜାରି ରହିଥିବା ବେଳେ ଆଜି ପରିବେଶ ଦିବସ ଅବସରରେ ଶେରଗଡ ଜାତୀୟ ରାଜପଥ ପାଶ୍ୱର୍ ବା ରାମଚଣ୍ଡୀ ମନ୍ଦିର ନିକଟରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଅଳିଆ ଗଦାକୁ ଜେସିବି ମାଧମରେ ସଫେଇ କରୁଥିବା ଦେଖିବାକୁ ମିଳିଛି। ଏଠାରୁ ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ଟ୍ରିପ ଅଳିଆ ଉଠେଇ ନେଇ ଏମସିସିରେ ପକାଯାଇଥିଲା। ଏଭଳି ସଫେଇ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା ଏହି ଅବସରରେ ଏକ ସଚେତନତା ରାଲି ଓ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ସିମାଞ୍ଚଳ ବେହେରା ନୋଡାଲ ଅଫିସର ଭାବେ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ। ପଞ୍ଚାୟତ ସମିତି ତରଫରୁ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ, ସହକାରୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରାକାର ଜେନା, ସମିତି କୋଅର୍ଡିନେଟର ସତ୍ୟ ନାରାୟଣ ଗୌଡ ପ୍ରମୁଖ ପରିଚାଳନା କରିଥିଲେ।

# ଓସିଏସ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ରମ୍ଭା,୪।୬(ସମିସ): ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ ୯୮ର୍‌ୟାଙ୍କ ପାଇଥିବା ଗୌରାଙ୍ଗପାଟଣାର ଶିକ୍ଷକ ଦେବରାଜ ବେହେରାଙ୍କ ପୁତ୍ର ଖଗେଶ୍ୱର ବେହେରାଙ୍କୁ ୧୪ଦେଶ ମତ୍ସ୍ୟଜୀବୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯେକୌଣସି ଛାତ୍ରଛାତ୍ରୀ ଉଦ୍ୟମ ଓ ଚେଷ୍ଟା କରେ ନିଶ୍ଚିତ ଫଳ ପାଇପାରିବେ ବୋଲି ଜଣାଇଥିଲେ। କାର୍ଯ୍ୟକ୍ରମରେ ୧୪ଦେଶ ସଭାପତି ବ୍ରଜବନ୍ଧୁ ବେହେରା, ସମ୍ପାଦକ ରାଧାମୋହନ ପୃଷ୍ଟି, ମତ୍ସ୍ୟଜୀବୀ ନେତା ତଥା ସମାଜସେବୀ ଭୀମସେନ ବେହେରା, ସେନାପତି ବେହେରା, ନରସିଂହ ଦାସ, ରଘୁନାଥ ବେହେରା, କହ୍ନେଇ ବେହେରା, ଧନୁପତି ବେହେରା, କାର୍ତ୍ତିକ ବେହେରା, ଅନାଦି ବେହେରା, ଜିମୂତ କୁମାର ବେହେରା, ବିମ୍ବାଧର ବେହେରା, ଲବଣି ବେହେରା, ହଜାରିରାମ ବେହେରା, କୁମର ବେହେରାଙ୍କ ସମେତ ଅନ୍ୟାନ୍ୟ ମତ୍ସ୍ୟଜୀବୀ ଉପସ୍ଥିତ ରହିଥିଲେ।

# ହ୍ୟାଣ୍ଡବଲ ସଂଘର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବ୍ରହ୍ମପୁର,୪।୬(ସମିସ): ଦିର୍ଘ ଏକ ମାସ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ୧୧ତମ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମେୟର ସଙ୍ଘମିତ୍ରା ଦଳେଇ, ଜିଲ୍ଲା ବିଦ୍ୟାଳୟ ସମୂହର କ୍ରୀଡ଼ା ଅଧିକାରୀ ଭାଗିରଥୀ ସ୍ୱାଇଁ, ଡାକ୍ତର ଦେବ୍ୟାନୀ ଦେଓ, କର୍ପୋରେଟର ପ୍ରଦୀପ ଶତପଥୀ, ବରିଷ୍ଠ ବିଜେପି ନେତା କାମନା ପାଢୀ, ସରକାରୀ ଓକିଲ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପସଭାପତି ରାଜେଶ କୁମାର ସାହୁ, ଯୁବନେତା ଅଜୟ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ବର୍ଷ ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୨୫୦ଜଣ ଉତ୍ସାହୀ ଖେଳାଳୀ ଅଂଶଗ୍ରହଣ କରିଥିବା ବେଳେ ୨୫ଜଣ ବରିଷ୍ଠ ପ୍ରଶିକ୍ଷକ ସେମାନଙ୍କୁ ନିୟମିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏନ୍. ଆଇ. ଏସ କୋଚ ପ୍ରଶାନ୍ତ କୁମାର ରଥ ମୁଖ୍ୟ କୋଚ୍ ଭାବେ ଏହି ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଶିବିରକୁ ପରିଚାଳନା କରିଥିଲେ। ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ଆସିଥିବା ଖେଳାଳିଙ୍କ ଅଭିଭାବକମାନେ ମଧ ଉପସ୍ଥିତ ରହି ସଂଘ ପକ୍ଷରୁ ହୋଇଥିବା ଆୟୋଜନକୁ ପ୍ରଶଂସା କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଶିବିରାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଖେଳାଳୀଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ଓସ୍ୱାସ ପଦ୍ଧତିରେ କାର୍ଯ୍ୟାନ୍ୱୟନରେ ଗଞ୍ଜାମ ଶୀର୍ଷ ସ୍ଥାନ

ଛତ୍ରପୁର,୪।୬(ସମିସ): ଓସ୍ୱାସ ପଦ୍ଧତିରେ କାର୍ଯ୍ୟାନ୍ୱୟନରେ ଗଞ୍ଜାମ ଜିଲା ଶୀର୍ଷ ସ୍ଥାନ ଅଧିକାର କରିଛି। ପୁରୁଣାକାଳିଆ ନଥିପତ୍ର ଓ ଫାଇଲ ଚାଷର ପଡୁଛି ପୂର୍ଣ୍ଣଛେଦ। ଅନଲାଇନରେ କରାଯାଉଛି ଫାଇଲ କାମ। ସମୟ ବଚିଂବା ସହ କେଉଁ ଫାଇଲର ସ୍ଥିତାବସ୍ଥା କଣ ତାହା ସହଜରେ ଜାଣିହେଉଛି। ସରକାରୀ ଅଧିକାରୀଙ୍କ କାମରେ ସ୍ୱଚ୍ଛତା ଆସିବା। ଧାର୍ଯ୍ୟ ସମୟରେ ଲୋକଙ୍କୁ ମିଳିବ ସରକାରୀ ସେବା। ଏହାକୁ ଧ୍ୟାନରେ ରଖି ରାଜ୍ୟରେ ସରକାରୀ ଅଫିସରେ ଓସ୍ୱାସ(ଓଡିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ)ରେ ଫାଇଲ ଓ ଚିଠି ପଠାଇବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ମଧ୍ୟ ପ୍ରାୟ କାର୍ଯ୍ୟାଳୟରେ ଓସ୍ୱାସ ପଦ୍ଧତିରେ କାମ କରାଯାଉଛି ବୋଲି ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ସୂଚନା ଦେଇଛନ୍ତି। ନଥିପତ୍ର କାର୍ଯ୍ୟ ଅନଲାଇନରେ, ସ୍ୱଚ୍ଛତାରେ, ସୁରକ୍ଷାରେ ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟ କାର୍ଯ୍ୟକାରୀ କରାଯାଉଛି। ପୂର୍ବରୁ କାଗଜ ମୁକ୍ତ ଭାବରେ ରାଜ୍ୟରେ ପ୍ରଥମ ଜିଲା ଭାବେ ପରିଣତ ହୋଇଛି ଜିଲାପାଳ କାର୍ଯ୍ୟାଳୟ। ରାଜ୍ୟରେ ଗଞ୍ଜାମ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଓସ୍ୱାସ ପଦ୍ଧତିରେ କାର୍ଯ୍ୟାନ୍ୱୟନ୨୫ ହଜାର ୧୫୩ ଫାଇଲ ଗୁଡିକ ପ୍ରକ୍ରିୟାକୃତ କରିପରିଥିବାରୁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ପ୍ରବଳ ଖରାରେ ଟଳି ପଡ଼ିଲେ ଯୁବକ

କୋଦଳା,୪।୬(ସମିସ): ଗୁରୁବାର ମଧ୍ୟାହ୍ନ ଗୋଟାଏ ବେଳେ ବେଗୁନିଆପଡା ଥାନା ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତର ସୁମଣ୍ଡଳ ମୁଖ୍ୟ ରାସ୍ତା ସାହିର ତପନ କୁମାର ବିଶ୍ୱାଳ (୩୭)ଙ୍କର ମୃତ୍ୟୁ ହୋଇଛି। ତପନ ମଧ୍ୟାନ୍ନ ସମୟରେ ସାଇକେଲ ଯୋଗେ ଭେଜିପୁଟରୁ ନିଜ ଗାଁ ସୁମଣ୍ଡଳ ଆସିବା ରାସ୍ତାରେ ପଥରିନାଳ ରାସ୍ତାରେ ହଠାତ ସାଇକେଲରୁ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ସୁମଣ୍ଡଳ ମେଡିକାଲକୁ ଆଣିବା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମଧ୍ୟାନ୍ନରେ ତାପମାତ୍ରା ଅଧିକ ଥିବା ବେଳେ ଏହା ଅଂଶୁଘାତ ମୃତ୍ୟୁ ବୋଲି ଜଣାପଡିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# ସାହିତ୍ୟ ଆସରରେ ଜନ୍ମଦିନ

ଭଞ୍ଜନଗର,୪।୬(ସମିସ): ଗାଁ ମାଟିର ସୁଯୋଗ୍ୟ ସନ୍ତାନ, ଅବସରପ୍ରାପ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମାଜସେବୀ, ସାହିତ୍ୟିକ ତ୍ରିନାଥ ନାୟକଙ୍କ ୮୨ ତମ ଜନ୍ମଦିନ ଗଞ୍ଜାମ ଜିଲ୍ଲା ଭାଷା, ସାହିତ୍ୟ ଓ କଳା ସଂସ୍କୃତି ବିକାଶ ପରିଷଦ, ଭଞ୍ଜନଗର ତରଫରୁ ସଭାପତି ଜଗବନ୍ଧୁ ଜେନାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଗଳ୍ପ, କବିତା, ନାଟକ ଓ ରମ୍ୟରଚନା ସହ ସାହିତ୍ୟର ବିଭିନ୍ନ ବିଭାଗ ସହ ଶ୍ରୀ ନାୟକଙ୍କ ସମ୍ପୃକ୍ତି ଓ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ, ସମାଜସେବାରେ ପ୍ରାଧାନ୍ୟ ଦେଇ ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ପରିଚିତ ଉପରେ ବକ୍ତା ମକ୍ଷନେ ସ୍ମୃତିଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର କୃତ୍ତିବାସ ବିଶ୍ୱାଳ, ଓଷ୍ଟା, ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ସୁଜାତା ସିଂ, ଦୀପ୍ତକ୍ଷଶୁ ପ୍ରଭା ଦେବୀ ମଞ୍ଚାସୀନ ଥିଲେ। ଜନ୍ମଦିନର ସ୍ମୃତିଚାରଣରେ ପବିତ୍ର ମୋହନ ରାଉତରାୟ, ପବିତ୍ର ମୋହନ ଶତପଥୀ, ଡାକ୍ତର ଗାୟତ୍ରୀ ସାହୁ, ଶୁଭସ୍ମିତା ଦାସ, ପ୍ରଫୁଲ୍ଲ କୁମାର ମହାରଣା, ଦୁତିକୃଷ୍ଣ ଲେଙ୍କା, ବିଶ୍ୱମ୍ବର ଜେନା ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ସୁଜାତା ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

# ରୋହିଗାଁ ଜଙ୍ଗଲରେ ଚଢ଼ଉ; ମହିଳାଙ୍କ ସହ ୨୦ ଜୁଆଡ଼ି ଗିରଫ

- ନଗଦ ୫ଲକ୍ଷ ୪୪ ହଜାର ଟଙ୍କା, କାର୍ ସହ ବହୁ ସାମଗ୍ରୀ ଜବତ
- ପୁଲିସକୁ ଆକ୍ରମଣ ଅଭିଯୋଗରେ ଜୁଆଡିଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ
- ଜୁଆ ଆଡ୍ଡା ଚଳାଉଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ନ ଧରି ଖସାଇ ଦେଇଥିବା ଅଭିଯୋଗ

କୁକୁଡାଖଣ୍ଡି,୪।୬(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହିଗାଁ ଜଙ୍ଗଲରେ ଚାଲିଥିବା ଏକ ବଡ଼ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨୦ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୫ ଲକ୍ଷ ୪୪ ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଜବତ କରାଯାଇଛି। ସୂଚନା ପ୍ରକାରେ, ରୋହିଗାଁ ଜଙ୍ଗଲରେ କିଛି ବ୍ୟକ୍ତି ବେନିୟମ ଭାବେ ଜୁଆଆଡ୍ଡା ଚଳାଉଥିବା ନେଇ ସଦର ଥାନା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ପାଇ ପୋଲିସର ଏକ ସ୍ୱତନ୍ତ୍ର ଟିମ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୋଲିସ ଜୁଆ ଆଡ୍ଡାକୁ ଚାରିପଟୁ ଘେରି ଯାଇ ୨୦ଜଣ ଜୁଆଡିଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ମାମଲାରେ ସଦର ଥାନା କେସ୍ ନଂ-୩୩୬ ବିଏନଏସର ଧାରା ୧୨୧/୧୩୨/୨୯୬/୧୦୯/୩(୫) ଏବଂ ଓପିଜି ଆକ୍ଟର ଧାରା ୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ସ୍ଥଳରୁ ନଗଦ ୫ଲକ୍ଷ ୪୪ହଜାର ଟଙ୍କା ସହ ଗୋଟିଏ ହୁ୍ୟଣ୍ଡାଇ କ୍ରେଟା କାର୍, ୧୫ଟି ବାଇକ୍/ସ୍କୁଟି, ୧୯ଟି ସ୍ମାର୍ଟଫୋନ୍, ୮ପ୍ୟାକେଟ୍ ତାସ୍, ୪ଟି ବ୍ୟାଟେରୀ ଲାଇଟ୍, ୨ଟି ବ୍ଲାଙ୍କ୍ (ଖାଲି) ଭାରତୀୟ ଅଣ-ନ୍ୟାୟିକ ଷ୍ଟାମ୍ପ ପେପର (୨୦ ଟଙ୍କିଆ)କୁ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଦିଗପହଣ୍ଡିର ଇ. ଶ୍ରୀହରି ଦୋରା (୪୨), ଲକ୍ଷ୍ମୀନାରାୟଣ ରଉଳ (୬୧) ଓ କୃଷ୍ଣ ସ୍ୱାଇଁ(୨୭)। ପାଟପୁର ଅଞ୍ଚଳର କୃଷ୍ଣ ଚନ୍ଦ୍ର ସ୍ୱାଇଁ(୪୨), ଶିବାରାମ ସାହୁ (୩୨), ଅର୍ନବ ରାଉତ (୪୩), ସୁବାଷ ସାହୁ, ମଙ୍ଗୁଲୁ ସୁଆଂସିଆ (୩୨) ଏବଂ ବାଳକୃଷ୍ଣ ପାଣିଗ୍ରାହୀ (୩୬)। ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଟି. ପ୍ରକାଶ (୩୫) ଓ ତପନ ପାତ୍ର (୪୨) ସାମିଲ ଥିବା ପୁଲିସ କହିଛି। ସେହିପରି ବ୍ରହ୍ମପୁର ଟାଉନ୍ ଅଞ୍ଚଳର ଜି. ଶ୍ରୀନୁ (୩୦) ଓ ହୃଷୀକେଶ ଚୌଧୁରୀ (୪୯), ହିଞ୍ଜିଳିକାଟୁର ରିଙ୍କୁ ମହାରାଣା (୪୧), ଆସ୍କାର ଧବଳେଶ୍ୱର ବେହେରା (୩୬), ସଦର ଥାନା ଅଞ୍ଚଳର ଅଜିତ ଜେନା (୩୨), ନିମଖଣ୍ଡିର ସନ୍ତୋଷ ସାହୁ (୩୦), କେ.ଏନ. ନୂଆଗାଁର ମିଥୁନ ବେହେରା (୨୯) ଓ ଶ୍ରୀନିବାସ ସାହୁ (୩୧) ଏବଂ ନିମଖଣ୍ଡି ଅଞ୍ଚଳର ମାମି ଗୌଡ଼ା (୩୫) ନାମ୍ନୀ ଜଣେ ମହିଳା ଅଛନ୍ତି। ଅଞ୍ଚଳରେ ଜୁଆ କାରବାର ବନ୍ଦ କରିବା ନିମନ୍ତେ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି। ତେବେ ଦିର୍ଘ ବର୍ଷ ଧରି ଜୁଆଆଡ୍ଡା ଚଳାଇଥିବା ବ୍ୟକ୍ତିବିଶେଷଙ୍କୁ ପୁଲିସ ଧରିନଥିବା ଅଭିଯୋଗ ହୋଇଛି।

# ଜି.ଉଦୟଗିରି ବନାଞ୍ଚଳରେ ୨୧ ଟିକିଆ ହାତୀପଲ

ଜି ଉଦୟଗିରି,୪।୬(ସମିସ): କିଛିଦିନ ହେଲା ଉତ୍ତର ଘୁମୁସର ବନଖଣ୍ଡରୁ ଦୁଇଟି ଦନ୍ତା ଜି.ଉଦୟଗିରି ବନାଞ୍ଚଳର କଳିଙ୍ଗା, ଜି ଉଦୟଗିରି ଓ ପାବୁରିଆ ସେକ୍ସନର ବିଭିନ୍ନ ଜଙ୍ଗଲରେ ରହି ଆସୁଛନ୍ତି। ଲୋକଙ୍କ ମନରୁ ହାତୀ ଆତଙ୍କ ନ ଲିଭୁଣୁ ମଙ୍ଗଳବାର ବିଳମ୍ବିତ ରାତିରେ ଜି ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ କଳିଙ୍ଗା ସେକ୍ସନର ଦୁଗୁଡିପାରି ଓ କୁର୍ମୁଙ୍ଗିଆ ଜଙ୍ଗଲରେ ଉତ୍ତର ଘୁମୁସର ବନଖଣ୍ଡ ରୁ ୨୧ ଟିକିଆ ହାତୀପଲ ଆମ୍ବ, ପଣସ ବାସ୍ନାରେ ଚାଲି ଆସିଛନ୍ତି। ସେମାନଙ୍କ ମଧ୍ୟରେ ଦନ୍ତା ୩, ମାଇ ୧୦, ଶାବକ ୮ ଟି ଥିବା ବନ ବିଭାଗରୁ ସୂଚନା ମିଳିଛି। ପ୍ରକାଶ ଥାଉକି ବିଶ୍ୱନାଥ ପ୍ରଧାନ ଓ ଶଙ୍କର କୁମାର ସାହୁଙ୍କ ବଗିଚାରେ ପଶି ଆମ୍ବ, ଝାଡୁ ଖାଇଥିବା ଜଣାପଡିଛି।

# ଦ୍ୱିତୀୟ ୧୪ ବର୍ଷରୁ କମ୍ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ବାଳିକାରେ କଳାହାଣ୍ଡି ଓ ଗଜପତି, ବାଳକ ବିଭାଗରେ କନ୍ଧମାଳ ଓ ରାୟଗଡା ବିଜୟୀ**

**ମାଲକାନଗିରି-କୋରାପୁଟ, ନବରଙ୍ଗପୁର ବନାମ ଗଞ୍ଜାମ ମଧ୍ୟରେ ମ୍ୟାଚ ଆଜି**






ବ୍ରହ୍ମପୁର,୪।୬(ସମିସ)

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଉଭୟ ବାଳକ ଓ ବାଳିକା ବିଭାଗର ଆଜି ୪ର୍ଥ ଦିନରେ ଉଭୟ ବର୍ଗରେ ୪ଟି ମ୍ୟାଚ ଖେଳାଯାଇଛି। ଅନ୍ତଃ ଜିଲ୍ଲା ସିଏମ କପ ବ୍ରହ୍ମପୁର ଜୋନରେ ଆଜି ବାଳିକା ବର୍ଗରେ କନ୍ଧମାଳ ଓ କଳାହାଣ୍ଡି ଦଳ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ଏଥିରେ କଳାହାଣ୍ଡି ଦଳ ପକ୍ଷରୁ କୁମୁଦିନୀ କୋଲଟିଆ ଓ ଅଞ୍ଜନା ଶବର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସେପଟେ ପ୍ରତିପକ୍ଷ କନ୍ଧମାଳ ଦଳ ପକ୍ଷରୁ ସ୍ନେହାଶିଳା ସାହାଣୀ ମାତ୍ର ଗୋଟିଏ ଗୋଲ ସ୍କୋର କରିଥିଲେ। ଫଳରେ କଳାହାଣ୍ଡି ଦଳ କନ୍ଧମାଳ ଦଳକୁ (୨-୧) ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଉପସଭାପତି କେଦାରନାଥ ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବାଳିକା ବର୍ଗରେ ଦ୍ୱିତୀୟ ମ୍ୟାଚ ରାୟଗଡା ଓ ଗଜପତି ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଦଳ (୧-୦) ଗୋଲ ବ୍ୟବଧାନରେ ବିଜୟ ଲାଭ କରିଥିଲା। ବିଜୟୀ ଗଜପତି ଦଳ ପକ୍ଷରୁ ଦୀପିକା ଶବର ଦଳ ପାଇଁ ଏକମାତ୍ର ତଥା ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଯୁଗ୍ମ ସମ୍ପାଦକ ଡି. ଆପ୍ପା ରାଓ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ମ୍ୟାଚକୁ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିକ୍ଷିକା, ରୋହିଲା ଭର୍ତ୍ତା ରେଫେରୀ ଭାବେ ଏବଂ ମ୍ୟାଚ କମିଶନର ଭାବେ ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ପରିଚାଳନା କରିଥିଲେ। ଅନ୍ତଃଜିଲ୍ଲା ୧୪ବର୍ଷରୁ କମ୍ ବାଳକ ବର୍ଗରେ ଚତୁର୍ଥ ଦିନର ପ୍ରଥମ ମ୍ୟାଚ କନ୍ଧମାଳ ଓ କଳାହାଣ୍ଡି ମଧ୍ୟରେ ହୋଇଥିଲା। କଳାହାଣ୍ଡି ଦଳକୁ କନ୍ଧମାଳ (୩-୦) ଗୋଲ ବ୍ୟବଧାନରେ ପରାସ୍ତ କରି ଏକତରଫା ବିଜୟ ହାସଲ କରିଥିଲା। ବାଳକ ବର୍ଗର ଦ୍ୱିତୀୟ ମ୍ୟାଚ ରାୟଗଡା ଓ ଗଜପତି ଦଳ ମଧ୍ୟରେ ହୋଇଥିଲା। ଗଜପତିକୁ ରାୟଗଡା (୨-୦) ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଡ଼ି. ଡ଼ି ଗନ୍ତାୟତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର କର୍ମକର୍ତ୍ତା ତାରିଣୀ ସାମନ୍ତରାୟ, ବିଜୟ କୁମାର ପଟ୍ଟନାୟକ, ଜି.ଏମ ବାବୁ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ଦୁର୍ଗା ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲାର ବରିଷ୍ଠ ଫୁଟବଲ ଖେଳାଳିମାନେ ଉପସ୍ଥିତ ଥିଲେ। ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଆସନ୍ତା କାଲି ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ଉଭୟ ବାଳିକା ଓ ବାଳକ ବର୍ଗରେ ମାଲକାନଗିରି ବନାମ କୋରାପୁଟ ଏବଂ ନବରଙ୍ଗପୁର ବନାମ ଗଞ୍ଜାମ ମଧ୍ୟରେ ମ୍ୟାଚ ଖେଳାଯିବାକୁ ଧାର୍ଯ୍ୟ ହୋଇଛି।

## କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ଘଟଣାରେ ଲୋକଶକ୍ତି ଅଭିଯାନର ଦାବି

# ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସଙ୍କ ନାଁରେ ହତ୍ୟା ମାମଲା ଦାୟର ହେଉ

ବ୍ରହ୍ମପୁର,୪।୬(ସମିସ)

କବିସୂର୍ଯ୍ୟନଗର ପୁଲିସ ଦ୍ୱାରା ସୁବଳୟାର ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଏକ ମାମଲାରେ ଜେରା କରିବା ଆଳରେ ତାଙ୍କୁ ଘରୁ ଉଠାଇ ନିଆଯାଇଥିଲା। ବେଆଇନ ଭାବେ ଥାନା ହାଜତରେ ଦୀର୍ଘ ୭ଦିନ ଧରି ଅଟକ ରଖି ଅକଥନୀୟ ନିର୍ଯାତନା ଦେବା ପରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହେବା ଘଟଣାକୁ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା ଓ ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ତୀବ୍ର ନିନ୍ଦା କରିଛନ୍ତି। ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏହି ଘଟଣାରେ ଥାନାର ଭାରପ୍ରାପ୍ତ ଆଇଆଇସି ତଥା ଆଇପିଏସ ଅଧିକାରୀଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ ହୋଇଛି। ଜେରା ନାଁରେ ସୁଶାନ୍ତଙ୍କୁ ଅକଥନୀୟ ମାଡ଼ ମାରିବା ସହ ତାଙ୍କ ଉପରେ ଗରମ ପାଣି ପକାଇବା ଏପରିକି କ୍ଷତ ସ୍ଥାନରେ ମରିଚ ଗୁଣ୍ଡ ପକାଇ ନିର୍ଯାତନା ଦେବା ଅତ୍ୟନ୍ତ ଅମାନୁଷିକ, ଜଘନ୍ୟ ଓ ମଧ୍ୟଯୁଗୀୟ ବର୍ବରତାକୁ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ସୁଶାନ୍ତ ସାହୁଙ୍କ ହତ୍ୟାକାରୀ ପୁଲିସ ପକ୍ଷରୁ ନିଜର ଅପରାଧକୁ ଲୁଚାଇବା ପାଇଁ ତାଙ୍କର ମୃତ୍ୟୁ ପୂର୍ବରୁ ଏବଂ ମୃତ୍ୟୁ ପରେ ମଧ୍ୟ ପରିବାରର ଲୋକଙ୍କୁ ଚାପ ଓ ପ୍ରଲୋଭନ ଦେଖାଯାଉଥିବା ଶ୍ରୀ ସାମନ୍ତରା ଅଭିଯୋଗ କରିଛନ୍ତି। ଶ୍ରୀ ସାମନ୍ତରା ଓ ଷଡ଼ଙ୍ଗୀ କହିଛନ୍ତି ଯେ, ଗତକାଲି ତଥ୍ୟ ଅନୁସନ୍ଧାନ ପାଇଁ ମୃତ ସୁଶାନ୍ତ ସାହୁଙ୍କ ଘରକୁ ଯାଇଥିବା ବେଳେ ପୁଲିସ ପକ୍ଷରୁ ଏଚଆର୍‌ପିସି ଜେରା ନାଁରେ ତାଙ୍କର ସମ୍ପୂର୍ଣ୍ଣ ପରିବାରକୁ ପୁରୁଷୋତ୍ତମପୁରକୁ ଗାଡ଼ିରେ ନିଆଯାଇଥିବା ଦେଖିବାକୁ ମିଳିଥିଲା। ପରିବାରର ଜଣେ ହତ୍ୟାର ଶିକାର ହୋଇଥିବା ବେଳେ ପୁଲିସ ଏବଂ ଏଚଆର୍‌ପିସି ଅଧିକାରୀମାନେ ତାଙ୍କ ଘରକୁ ଯାଇ ତଦନ୍ତ ନକରି ତଦନ୍ତ ଆଳରେ ସେମାନଙ୍କୁ ଅନ୍ୟତ୍ର ଡ଼ାକିବା ଅମାନବୀୟ ଏବଂ ଚାପ ପ୍ରୟୋଗ କରିବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି। କବିସୂର୍ଯ୍ୟନଗରର ହାଜତ ମୃତ୍ୟୁ ଏକ ସ୍ପଷ୍ଟ ହତ୍ୟାକାଣ୍ଡ ଏବଂ ଏଥିରେ ପୁଲିସ ଅଧିକାରୀମାନେ ସିଧାସଳଖ ସାମିଲ ହୋଇଥିଲେ ହେଁ ଏଯାଏଁ ସେମାନଙ୍କ ବିରୁଦ୍ଧରେ ହତ୍ୟା ମକଦ୍ଦମା ଦାୟର ନହେବା ଏବଂ ଭାରପ୍ରାପ୍ତ ଆଇଆଇସି ତଥା ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଗିରଫ ନକରିବା ରାଜ୍ୟର ବିଜେପି ସରକାରର ଦୋମୁଁହା ନୀତି ଓ ଅପରାଧିକୁ ଖସେଇବାର ଷଡ଼ଯନ୍ତ୍ରକୁ ପ୍ରମାଣିତ କରୁଛି ବୋଲି ଲୋକଶକ୍ତି ଅଭିଯାନ ପକ୍ଷରୁ ଅଭିଯୋଗ ହୋଇଛି। ଏତେବଡ଼ ଅପରାଧ ଘଟିଥିଲେ ହେଁ ସମ୍ପୃକ୍ତ ଆଇପିଏସ୍ ଅଧିକାରୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ଏବଂ ଅନ୍ୟମାନଙ୍କୁ କେବଳ ନିଲମ୍ବନ କରାଯାଇଛି। ଅଥଚ "ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଉପର ଅଧିକାରୀଙ୍କୁ ଖସାଇବାକୁ ଉଦ୍ୟମ କରାଯାଉଥିବା ବେଳେ ସେଠାରେ କାର୍ଯ୍ୟରତ ଜନୈକ ତଳିଆ କର୍ମଚାରୀ ବା ହୋମଗାଡର୍‌କୁ ହିଁ ଚାକିରୀରୁ ବହିଷ୍କାର କରାଯାଇଛି। ଥାନା ହାଜତରେ ହତ୍ୟା ପରି ଏକ ଜଘନ୍ୟ ଅପରାଧର ଆସାମୀଙ୍କୁ ଏଯାଏଁ ଗିରଫ ନକରି ରାଜ୍ୟର ବିଜେପି ସରକାର ନିଜର ଅପାରଗତା ପ୍ରଦର୍ଶନ କରିଛନ୍ତି, ଯାହାକି ଆଗାମୀ ଦିନରେ ଏଭଳି ହାଜତ ହିଂସା ଓ ହତ୍ୟା ପାଇଁ ଉତ୍ସାହିତ କରିବାର ଆଶଙ୍କା ରହିଛି। ଅପରାଧ ମୁକାବିଲା ଓ ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ଅପରାଧ ରେକଡର୍ ଛୁଇଁଛି। କବିସୂର୍ଯ୍ୟନଗର ଠାରୁ ଆରମ୍ଭ କରି ବାରଙ୍ଗ, ତାଳଚୂଆ ପରି ରାଜ୍ୟର ଥାନା ଗୁଡ଼ିକରେ ଯେଉଁ ନିର୍ଯାତନା ଓ ହିଂସାର ଘଟଣା ସବୁ ଦେଖିବାକୁ ମିଳିଛି, ସେଥିରୁ ପୁଲିସର ଅପରାଧି ଚେହେରାଟି ସ୍ପଷ୍ଟ ହେଉଛି। ଯଦି ଏସବୁ ଘଟଣାରେ ସରକାର ଆଖିଦୃଶିଆ ତଥା ତ୍ୱରିତ କାର୍ଯ୍ୟାନୁଷ୍ଠାନ ନନେବେ ତେବେ ରାଜ୍ୟର ଥାନାଗୁଡ଼ିକ ଗୋଟିଏ ଗୋଟିଏ ଯାତନା ଗୃହରେ ପରିଣତ ହୋଇଯିବା ସହ ଆଇନର ଶାସନ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ତୁଟିଯିବା ନିଶ୍ଚିତ ବୋଲି ଶ୍ରୀ ସାମନ୍ତରା ଓ ଷଡ଼ଙ୍ଗୀ ମତ ପ୍ରକାଶ କରିଛନ୍ତି। କବିସୂର୍ଯ୍ୟନଗର ଥାନାରେ ସୁଶାନ୍ତ ସାହୁଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ ହେଉ। ଅପରାଧରେ ସମ୍ପୃକ୍ତ ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ତୁରନ୍ତ ହତ୍ୟା ମାମଲାରେ ଗିରଫ କରାଯାଉ, ତଦନ୍ତକୁ ବାଟମାରଣା କରି ଅପରାଧିଙ୍କୁ ସୁରକ୍ଷା ଦେବା ପାଇଁ ମୃତ ସୁଶାନ୍ତ ସାହୁଙ୍କ ପରିବାର ଉପରେ ଚାପ ପକାଉଥିବା ପୁଲିସ ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ମୃତ ସୁଶାନ୍ତଙ୍କ ପରିବାରର ଜଣକୁ ସରକାରୀ ଚାକିରୀ ପ୍ରଦାନ ସହ ଉକ୍ତ ପରିବାରକୁ ସର୍ବନିମ୍ନ ୫୦ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯାଉ। ଥାନା ହାଜତରେ ନିର୍ଯାତନା ଓ ହିଂସାର ଅନ୍ୟାନ୍ୟ ଘଟଣାକୁ ରୋକିବାକୁ ଥାନାରେ ସିସିଟିଭିକୁ ଲଗାଯାଉ ଏବଂ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଉପର ଅଧିକାରୀଙ୍କ ଦ୍ୱାରା ତାହାର ଯାଂଚ କରାଯିବାକୁ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା, ଏଆଇକେଏମଏସ୍‌ର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି।

**ମୃତକଙ୍କ ପରିବାରକୁ ୫୦ଲକ୍ଷର ଅନୁକମ୍ପା ରାଶି ଓ ଜଣଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରାଯାଉ**

### ସୁଶାନ୍ତଙ୍କ ଭାଇର ସଙ୍ଗିନ ଅଭିଯୋଗକୁ ଆଇଜିଙ୍କ ଖଣ୍ଡନ

ବ୍ରହ୍ମପୁର,୪।୬(ସମିସ): ଗଞ୍ଜାମ କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ଘଟଣାରେ ମୃତକ ସୁଶାନ୍ତଙ୍କ ଭାଇ ଆଣିଥିବା ସଙ୍ଗିନ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର। ମୃତକ ସୁଶାନ୍ତଙ୍କ ପରିବାରକୁ ଏମକେସିଜି ମେଡ଼ିକାଲ ଫାଣ୍ଡି ଅଧିକାରୀ ଧମକ ଦେବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଫାଣ୍ଡି ଅଧିକାରୀ କେବଳ ମୃତକଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିଲେ। ସୁଶାନ୍ତଙ୍କ ମୃତ୍ୟୁ ପରେ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା ଫାଣ୍ଡିରେ। ଏହାପରେ ତଦନ୍ତ ପାଇଁ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଫାଣ୍ଡି ଅଧିକାରୀ ପଚରାଉଚରା କରିଥିଲେ। ଫାଣ୍ଡି ଅଧିକାରୀ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ତଦନ୍ତ କରୁନାହାନ୍ତି ବରଂ ଏଚଆରପିସି ଏହାର ତଦନ୍ତ କରୁଛି। ତଦନ୍ତ ପରିସରରେ ଆସୁଥିବା ସମସ୍ତ ଲୋକଙ୍କୁ ଏଚଆରପିସି ହିଁ ପଚରାଉଚରା କରିବ। ସେପଟେ କବିସୂର୍ଯ୍ୟନଗର ଥାନାରେ ଖୁବଶୀଘ୍ର ନୂଆ ଥାନା ଅଧିକାରୀ ଯୋଗ ଦେବେ। ଏନେଇ ଗଞ୍ଜାମ ଏସପିଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପୁଲିସ କର୍ମଚାରୀ ନିଜର ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ। ଫିଲ୍ଡ କାମରେ ଯିବା ବେଳେ ୟୁନିଫର୍ମ ପିନ୍ଧି ହିଁ ଯିବେ। ଯଦିଓ କିଛି କ୍ଷେତ୍ରରେ ନିଜର ପରିଚୟକୁ ଲୁଚାଇ ଚଢ଼ାଉ କରାଯାଉଛି ସେହି କ୍ଷେତ୍ରରେ ବିନା ୟୁନିଫର୍ମ ପୁଲିସ କର୍ମଚାରୀ ରହିପାରିବେ। ଯେଉଁ ପଥର ଖାଦାନରେ ଏହି ଗଣ୍ଡଗୋଳ ହୋଇଥିଲା ସେହି ମାମଲାରେ ଅନେକ ଲୋକେ ଗିରଫ ହେବା ସହ ବିଭିନ୍ନ ସାମଗ୍ରୀ ମଧ୍ୟ ଜବତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର।

### ଏଚ୍‌ଆର୍‌ପିସି ଟିମ୍‌ର ତଦନ୍ତ ଜାରି: ଏସ୍‌ପିଙ୍କ ସହିତ ଆଲୋଚନା

ଛତ୍ରପୁର,୪।୬(ସମିସ): କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ପୁଲିସର (ମାନବାଧିକାର ସୁରକ୍ଷା ସେଲ) ଏଚ୍‌ଆର୍‌ପିସି ପକ୍ଷରୁ ତଦନ୍ତ ଜାରି ରହିଛି। ଏନେଇ ଏଚଆରପିସିର ଏସପି ଗୋପାଳ ପ୍ରସାଦ ପଟ୍ଟନାୟକ ଓ ଡ଼ିଏସପି ଅନ୍ନପୂର୍ଣ୍ଣା ବେହେରାଙ୍କ ସମେତ ୪ଜଣିଆ ଟିମ ଗୁରୁବାର ଛତ୍ରପୁର ସ୍ଥିତ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହିତ ଗଞ୍ଜାମ ଏସପି ହରିଶ ବିଶିଙ୍କ ସହିତ ଆଲୋଚନା କରିଛନ୍ତି। ଅନ୍ୟପଟେ କବିସୂର୍ଯ୍ୟନଗର ଥାନାରେ ଲାଗିଥିବା ସିସିଟିଭି ଫୁଟେଜ ଏଚ ଆର ପିସି ଟିମକୁ ପ୍ରଦାନ କରାଯିବ ସୂଚନା ଦେଲେ ଗଞ୍ଜାମ ଏସପି ହରିଶ ବିଶି। ମୃତ ସୁଶାନ୍ତଙ୍କ ଭାଇଙ୍କୁ ପୁଲିସ ପକ୍ଷରୁ ଧମକ ନେଇ ଅଭିଯୋଗ ଘଟଣାର ମଧ୍ୟ ତଦନ୍ତ ଚାଲିଛି। କବିସୂର୍ଯ୍ୟନଗର ଥାନାର ନୂତନ ଥାନା ଅଧିକାରୀ ଭାବେ କନ୍ଧମାଳ ଜିଲ୍ଲାରୁ ଆସିଥିବା ଇନିସ୍ପେକ୍ଟର ସଞ୍ଜିତ ବେହେରା ଆଜି ଦାୟିତ୍ୱ ଗ୍ରହଣ କରିବେ ବୋଲି ମଧ୍ୟ ଏସପି ଶ୍ରୀ ବିଶି କହିଛନ୍ତି। ଘଟଣାର ତଦନ୍ତ ପାଇଁ ଗଞ୍ଜାମ ଜିଲ୍ଲାକୁ ଗତକାଲି ଠାରୁ ଆସିଛନ୍ତି ଏଚଆରପିସିର ୪ଜଣିଆ ଟିମ୍।

**ସିସିଟିଭି ଫୁଟେଜ ଏଚ୍‌ଆର୍‌ପିସି ଟିମ୍‌ଙ୍କୁ ପ୍ରଦାନ କରାଯିବ: ଏସ୍‌ପି**

## ସ୍କୁଟି ଚୋରି ମାମଲା; ପେସାଦାର ଚୋର ଗିରଫ



ବ୍ରହ୍ମପୁର,୪।୬(ସମିସ): ଗୋପାଳପୁର ପୁଲିସ ଆଜି ସ୍କୁଟି ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ବ୍ରହ୍ମପୁର ବଡ଼ ବଜାର ଥାନା ଅଂଚଳର ଶ୍ରୀଧର କୁମାର ସାହୁ ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ଗତ ୨୧ ତାରିଖରେ ବିଜିପୁର ଅମ୍ବିକା ନଗରର ସାରଥୀ ପାଢ଼ୀ ତାଙ୍କ ସ୍କୁଟି ଏକ୍ସ ଏକ୍ସ ନମ୍ବର ଓଡ଼ି ୦୭ ଏସି ୪୮ ୬୭ ଗାଡ଼ିଟି ରୋଲାଣ୍ଡ ସମ୍ମୁଖରେ ରଖି କୌଣସି କାମରେ ଯାଇଥିଲେ। ଆସି ଦେଖିବା ବେଳକୁ ସ୍କୁଟିଟି ନଥିବାରୁ ବହୁତ ଖୋଜା ଖୋଜି କରିଥିଲେ। ନପାଇବାରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୭ ୯/୨୬ ମାମଲା ରୁଜୁ କରି ସିସି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ଏଏସଆଇ ବି.ତିରୁପତି ରାଓ ଓ ଏକ ଟିମ ପଥରା ଛକରେ ଗାଡ଼ି ଯାଞ୍ଚ ସମୟରେ ଅଭିଯୁକ୍ତ ଶ୍ରୀଧର ସ୍କୁଟିଟି ଦ୍ରୁତ ଗତିରେ ବ୍ରହ୍ମପୁର ଠାରୁ ଗୋପାଳପୁର ଅଭିମୁଖେ ଯାଉଥିବା ବେଳେ ପୁଲିସ ସନ୍ଦେହ କରି ଗୋଡ଼ାଇ ଧରିଥିଲେ। ନଥିପତ୍ର ଯାଞ୍ଚ ବେଳେ ପୂର୍ବରୁ ଏହି ଗାଡ଼ିଟି ଚୋରି ହୋଇଥିବା ମାମଲା ରୁଜୁ ହୋଇଥିବାରୁ ଗାଡ଼ି ଓ ଅଭିଯୁକ୍ତକୁ କାବୁ କରି ଥାନାକୁ ଆଣି ପଚରା ଉଚରା କରିଥିଲା। ପରେ ସତ୍ୟାସତ୍ୟ ଜାଣିବା ପରେ ଆଜି ଅଭିଯୁକ୍ତ ଶ୍ରୀଧରକୁ କୋର୍ଟଚାଲାଣ କରିବା ସହ ସ୍କୁଟିକୁ ଜବତ କରିଥିବା ପୁଲିସ କହିଛି।

## ପ୍ରଫୁଲ୍ଲ ପଣ୍ଡିତଙ୍କ ପରଲୋକ

ବ୍ରହ୍ମପୁର,୪।୬(ସମିସ): ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡିତଙ୍କ ପରଲୋକ ଘଟିଛି। ଶ୍ରୀ ପଣ୍ଡିତ ୭ ୯ ବର୍ଷ ବୟସରେ ଗୁରୁବାର ଭୋର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ



ସମାଜରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘଦିନ ଧରି ସେ ଅସହାୟ, ଗରିବ ଓ ଦୁଃସ୍ଥ ଲୋକଙ୍କ ସେବା କରି ଆସୁଥିଲେ। ସହରର ବିଭିନ୍ନ ମନ୍ଦିର ନିର୍ମାଣ କରିଥବା ସହ ମାନବିକ କାର୍ଯ୍ୟରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ପରଲୋକ ଖବର ପାଇ ଅନେକ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଛି। ଗେଟ ବଜାର ସ୍ଥିତ ଶ୍ମଶାନ ସ୍ୱର୍ଗତ ପଣ୍ଡିତଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

● ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା ଘଟଣା

## ଲୁହା ଚୋରି ଟଙ୍କା ଭାଗବଣ୍ଟାରୁ ଗଣ୍ଡଗୋଳ ସନ୍ଦେହ; ୫ରୁ ଅଧିକ ସଂପୃକ୍ତ

ବ୍ରହ୍ମପୁର,୪।୬(ସମିସ): ଗିରିରୋଡ ନିକଟ ହିଲପାଟଣା ଅଞ୍ଚଳରେ ନୂଆବସଷ୍ଟାଣ୍ଡ କାଳୀମନ୍ଦିର ନିକଟର ନରସିଂହ ବେହେରା(୪୦)ଙ୍କୁ ଫୁଲକୁଣ୍ଡ ଛେଚି ହତ୍ୟା ମାମଲାର ତଦନ୍ତ ଜାରି ରହିଛି। ଘଟଣାକୁ ୪ ଦିନ ବିତି ସାରିଥିଲେ ମଧ୍ୟ ଗୋଷାଣୀନୂଆଗାଁ ଥାନା ପୁଲିସ ଅଭିଯୁକ୍ତଙ୍କୁ କାବୁ କରିପାରିନାହିଁ। ଏପଟେ ଲୁହାଚୋରି ଟଙ୍କା ଭାଗ ବଣ୍ଟାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା କୁହାଯାଉଛି। ଏଥିରେ ୫ରୁ ଅଧିକ ଜଣ ସଂପୃକ୍ତ ରହିଛନ୍ତି। ହତ୍ୟା ପୂର୍ବରୁ ନରସିଂହ ଓ ଅଭିଯୁକ୍ତମାନେ ମିଶି ଏହି ପରିତ୍ୟକ୍ତ ଘରକୁ ଯାଇ ନିଶା ସେବନ କରିଥିଲେ। ସେଠାରେ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ନରସିଂହଙ୍କ ମୁଣ୍ଡରେ ଫୁଲକୁଣ୍ଡ ଛେଚି ହତ୍ୟା କରିଥିବା କୁହାଯାଉଛି। ହତ୍ୟାରେ ସଂପୃକ୍ତ ଯୁବକମାନେ ଜରଡା ଥାନା ଅଞ୍ଚଳର ବୋଲି ଶୁଣିବାକୁ ମିଳିଛି। ତେବେ ପୁଲିସର ତଦନ୍ତ ଶେଷ ହେବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି।

### ବ୍ରହ୍ମପୁର ରେଳ ଷ୍ଟେସନ୍ ପୁନର୍ବିକାଶ ପାଇଁ ଟେଣ୍ଡର ଆହ୍ୱାନ

## ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚହେବ ୧୮୨.୫୭ କୋଟି

ବ୍ରହ୍ମପୁର,୪।୬(ସମିସ)

ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ବ୍ରହ୍ମପୁର ରେଳ ଷ୍ଟେସନ ପୁନର୍ବିକାଶ ପାଇଁ ପୂର୍ବତଟ ରେଳପଥର ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ପ୍ରକାଶିତକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ ଜଣାଇଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନର ପ୍ରଥମ ପର୍ଯ୍ୟାୟ ପୁନର୍ବିକାଶ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ପ୍ରକଳ୍ପର ଆନୁମାନିକ ବ୍ୟୟ ୧୮୨.୫୭ କୋଟି ଟଙ୍କା ହୋଇଥିବା ବେଳେ ୩.୬୫ କୋଟି ଟଙ୍କାର ଇଏମଡି ଧାର୍ଯ୍ୟ କରାଯାଇଛି। ୨୫ ଜୁନ ୨୦୨୬ରେ ପ୍ରାକ୍-ବିଡିଂ ବୈଠକ ଅନୁଷ୍ଠିତ ହେବ। ବିଡ୍ ଦାଖଲ ପ୍ରକ୍ରିୟା ୧୮ ଜୁଲାଇରୁ ଆରମ୍ଭ ହୋଇ ୧ ଅଗଷ୍ଟ ୨୦୨୬ରେ ଶେଷ ହେବ ବୋଲି ଜଣାପଡ଼ିଛି। ନିର୍ବାଚିତ ଠିକାଦାରଙ୍କୁ ୨୦ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ହେବ। ଦକ୍ଷିଣ ଓଡିଶା ମିଳିତ ରେଳପଥ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୁନର୍ବିକାଶ ପ୍ରକଳ୍ପ ଭାରତୀୟ ରେଳବାଇର ବ୍ୟାପକ ଷ୍ଟେସନ ଆଧୁନିକୀକରଣ କାର୍ଯ୍ୟକ୍ରମର ଏକ ଅଂଶ ଅଟେ। ଓଡିଶାର ୩ଟି ଏନଏସଜି-୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଓ ବ୍ରହ୍ମପୁର ରହିଛି। ଅନ୍ୟପକ୍ଷରେ ବହୁ ପ୍ରତିକ୍ଷିତ ଗୋଳନ୍ଥରାରେ କୋଚିଂ ଡିପୋକୁ ଆର୍ଥିକ ଅନୁମୋଦନ ଏବଂ ବାରମ୍ବାର ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପରିପ୍ରକ୍ଷିରେ ବ୍ରହ୍ମପୁର-ରେଢ଼ାଖୋଲ(ସମ୍ବଲପୁର), ଗୋପାଳପୁର-ରାୟଗଡା(ସିଙ୍ଗାପୁର ରୋଡ) ଓ ଗୋପାଳପୁର–ତାଳଚେର ରେଳପଥ ନିର୍ମାଣ କରିବାପାଇଁ ଆର୍ଥିକ ଅନୁମୋଦନ ଯଥାଶୀଘ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ଓଷ୍ଟା ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୪।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟା ଗଞ୍ଜାମର ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଏସ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମର ପୂର୍ବତନ ସମ୍ପାଦକ କାମରାଜୁ ମହାରଣା ଯୋଗଦେଇ ଯୋଗଦେଇ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ୮୨ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବାସନ୍ତି ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ, ପୂର୍ବତ୍ତନ ସଭାପତି ସନ୍ତୋଷ କୁମାର ଜେନା, ପୂର୍ବତନ ସମ୍ପାଦକ ବିଜୟକୁମାର ବେହେରା, ଅବସର ପ୍ରାପ୍ତ ବିଇଓ ଦିଲ୍ଲୀପ ସ୍ୱାଇଁ, ଶୁଖାଲତା ତ୍ରିପାଠୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀଳାମ୍ବର ପଟ୍ଟନାୟକ, ଜଗନ୍ନାଥ ଜେନା, ପିତାମ୍ବର ପାଢ଼ୀ ଓ ବଳରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସମୟକୁ ରଙ୍ଗେଇଲୁଣ୍ଡା ସିଡିପିଓ ମାନୁ ନଥିବା ଅଭିଯୋଗ

ରଙ୍ଗେଇଲୁଣ୍ଡା,୪।୬(ସମିସ): ସରକାରୀ କର୍ମଚାରୀ। କିନ୍ତୁ ସରକାରଙ୍କ ସମୟକୁ ମାନୁନଥିବାର ଅଭିଯୋଗ। ଦିନେ କି ଦୁଇଦିନ ନୁହେଁ। ବାରମ୍ବାର ଆସୁଛି ଏଭଳି ଅଭିଯୋଗ। ଏହାକୁ କାହାର ଖାତିର ନାହିଁ। ଜିଲ୍ଲା ପ୍ରଶାସନ ବାଧ ହୋଇ ସତ୍ୟ ଜାଣିବାକୁ ଚେଷ୍ଟା କରିଛି। ଫଳରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ଅବହେଳା ପଦାରେ ପଡ଼ିଥିବା ଚର୍ଚ୍ଚା ହୋଇଛି। କେବଳ ଏତିକି ନୁହେଁ ସିଡ଼ିପିଓଙ୍କ ବଦଳରେ ତୃତୀୟବ୍ୟକ୍ତି କାମ ଚଳାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାର ତଦନ୍ତ କରିବାକୁ ସାଧାରଣରେ କଡ଼ା ଦାବି ହୋଇଛି। ସୂଚନା ପ୍ରକାରେ ଗ୍ରୀଷ୍ମ ପ୍ରବାହକୁ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟ ସକାଳ ୭ଟାରୁ ମଧ୍ୟାହ୍ନ ୧ ଘଣ୍ଟ ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ କିଛି ଅଧିକାରୀ ଅବମାନନା କରୁଥିବା ଦେଖିବାକୁ ମିଳୁଛି। ହଠାତ୍ ଗଞ୍ଜାମ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ନାୟକ ଗୁରୁବାର ସକାଳେ ରଙ୍ଗେଇଲୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିବା ବେଳେ କାର୍ଯ୍ୟାଳୟରେ ସିଡ଼ିପିଓ ସଂଘମିତ୍ରା ମିଶ୍ର ନଥିବା ଦେଖିବାକୁ ପାଇବା ସହ ସେ ଆସିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସୂଚନାନୁସାରେ ଗତ କିଛିଦିନ ହେଲା ରଙ୍ଗେଇଲୁଣ୍ଡା ସିଡିପିଓ ନିୟମିତ ସମୟରେ କାର୍ଯ୍ୟାଳୟକୁ ଆସୁନଥିଲେ। ଗୁରୁବାର ସକାଳେ ଅତିରିକ୍ତ ଜିଲାପାଳ ନାୟକ ଓ ଡିଏସଡବ୍ଲୁ ବିଜୟଲକ୍ଷ୍ମୀ ବେହେରା ହଠାତ୍ ସକାଳ ପ୍ରାୟ ୭.୪୫ ମି.ରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ଦୁଇ ଜଣ କିରାଣୀ, ପୋଷଣର କର୍ମଚାରୀ, ସୁଭଦ୍ରାର କର୍ମଚାରୀ ଓ ରାତ୍ର ଜଗୁଆଳି ଉପସ୍ଥିତ ଥିବା ବେଳେ ସିଡିପିଓ ଏବଂ ସୁପରଭାଇଜର ମଧ୍ୟ ଉପସ୍ଥିତ ନଥିଲେ। ସିଡିପିଓ ପ୍ରାୟ ୮.୧୫ମି. ସମୟରେ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟ ପର୍ଯ୍ୟନ୍ତ ଅତିରିକ୍ତ ଜିଲାପାଳ ଅପେକ୍ଷା କରି ରହିଥିଲେ ଏହାକୁ ଦେଖି ବିରକ୍ତ ପ୍ରକାଶ କରିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ଅନ୍ୟପଟେ କାର୍ଯ୍ୟାଳୟରେ ସିଡିପିଓଙ୍କ ସ୍ୱାମୀ ଏହି କାର୍ଯ୍ୟାଳୟର ବିଭିନ୍ନ ଯୋଜନାର ହିସାବ କିତାବ ବୁଝୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ସିଡିପିଓଙ୍କ ବଦଳରେ ତୃତୀୟ ବ୍ୟକ୍ତି ଦେଖାଶୁଣା କରୁଥିବା ଅଭିଯୋଗ**

## ୧୩୫ ଦିନରେ ୨୧୯ ୯ ବୁଲା କୁକୁରଙ୍କ ବନ୍ଧ୍ୟାକରଣ

ବ୍ରହ୍ମପୁର,୪।୬(ସମିସ): ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସୁରକ୍ଷା ଓ ପ୍ରାଣୀ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ବିଇଏମ୍‌ସି ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଓ ଟିକାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୩୫ ଦିନ ମଧ୍ୟରେ ୨୧୯ ୯ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସହ



ଟିକାକରଣ କରାଯାଇଛି। ସୂଚନା ପ୍ରକାରେ ବନ୍ଧ୍ୟାକରଣ ହୋଇଥିବା କୁକୁରଙ୍କ ମଧ୍ୟରୁ ୧୨୧୩ଟି ଅଣ୍ଡିରା ଓ ୯୮୬ଟି ମାଈ କୁକୁର ରହିଛନ୍ତି। ଅସ୍ତ୍ରୋପଚାର ପରେ ସେମାନଙ୍କୁ ୩ରୁ ୪ଦିନ ପର୍ଯ୍ୟନ୍ତ ଚିକିତ୍ସା ନିରୀକ୍ଷଣରେ ରଖାଯାଇ ସୁସ୍ଥ ହେବା ପରେ ପୁନଃର୍ବାର ସେମାନଙ୍କ ଅଞ୍ଚଳରେ ଛାଡ଼ି ଦିଆଯାଉଛି। ପୂର୍ବରୁ କରାଯାଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଥିଲା। ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ପାଞ୍ଚ ମାସରେ ପ୍ରାୟ ୪୧. ୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଛି। ବର୍ତ୍ତମାନର ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ହେବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି। ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ବୈଜ୍ଞାନିକ ପଦ୍ଧତିରେ ବୁଲା କୁକୁରଙ୍କ ପରିଚାଳନା ମାଧ୍ୟମରେ ସହରକୁ ଅଧିକ ସୁରକ୍ଷିତ ଓ ସୁସଂଗଠିତ କରିବା ବିଇଏମ୍‌ସିର ଲକ୍ଷ୍ୟ। ଏଥିପାଇଁ ସହରବାସୀଙ୍କ ସହଯୋଗ ଜରୁରୀ ବୋଲି ସେ କହିଛନ୍ତି। ବନ୍ଧ୍ୟାକରଣ ଓ ଟିକାକରଣ ମାଧ୍ୟମରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ଜନ ସଚେତନତା ଓ ଜନ ସହଯୋଗ ବୃଦ୍ଧି ପାଇଲେ ଅଭିଯାନ ନିଶ୍ଚିତ ଭାବେ ନିଜ ଲକ୍ଷ୍ୟରେ ପହଞ୍ଚିବ ବୋଲି ବିଇଏମସି ପକ୍ଷରୁ ଆଶାପ୍ରକଟ କରାଯାଇଛି। ଯାଞ୍ଚ ସମୟରେ କମିଟିର ଅଧ୍ୟକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଅସ୍ତ୍ରୋପଚାର ହୋଇଥିବା ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି।

### ଏମ୍‌କେସିଜିରେ ମୃତଦେହକୁ ଅଣଦେଖା

## ଶବ ସଂରକ୍ଷଣ ଗୃହରେ ଦୀର୍ଘ ୧୨ ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ

ବ୍ରହ୍ମପୁର,୪।୬(ସମିସ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଶବ ସଂରକ୍ଷଣ ଗୃହ(ମର୍ଚ୍ଚୁଆରୀ)ର ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟୁତ ତାର ପୋଡ଼ିଯିବା କାରଣରୁ ଶବ ସଂରକ୍ଷଣ ଗୃହରେ ପ୍ରାୟ ୧୨ଘଣ୍ଟା ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଥିବା ଅଭିଯୋଗ ହୋଇଛି। ଫଳରେ ଶବ ସଂରକ୍ଷଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବା ବେଳେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଡ଼ିକାଲରେ ଚିକିତ୍ସିତ ସମୟରେ ରୋଗୀଙ୍କ ମୃତ ପରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାକୁ ସମୟ ଲାଗିଥାଏ। ଇତି ମଧ୍ୟରେ ରୋଗୀଙ୍କ ମୃତଦେହ ସଂରକ୍ଷଣ ନିମନ୍ତେ ମର୍ଚ୍ଚୁଆରୀ ଆବାଶ୍ୟକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ ପରିସରରେ ଶବ ସଂରକ୍ଷଣ ଗୃହ ବା ମର୍ଚ୍ଚୁଆରୀର ରହିଛି। ଗତ ବୁଧବାର ମଧ୍ୟ ରାତ୍ରୀରେ ବିଦ୍ୟୁତ ତାର ପୋଡ଼ିଯିବାରୁ ଶବ ସଂରକ୍ଷଣ ଗୃହକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିଲା। ଫଳରେ ଶବ ସଂରକ୍ଷଣ ଗୃହରେ ଶୀତଳୀକରଣ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ତାପମାତ୍ରା ନିୟନ୍ତ୍ରଣ ନ ରହିବାରୁ ଶବ ସଂରକ୍ଷଣକୁ ନେଇ ସମସ୍ୟା ଉପୁଜିଥିଲା। ଏଭଳି ସମ୍ବେଦନଶୀଳ ସ୍ଥାନରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବା ସତ୍ତ୍ୱେ ସଠିକ୍ ସମୟରେ ସାଧାରଣ ବିଦ୍ୟୁତ ବିଭାଗ (ଜିଇଡି) କର୍ମଚାରୀମାନେ ମରାମତି କାର୍ଯ୍ୟ ସଠିକ ସମୟରେ କରିନଥିବା ଅଭିଯୋଗ ହୋଇଛି। ଜିଇଡ଼ି ପକ୍ଷରୁ ଗୁରୁବାର ମଧ୍ୟାହ୍ନ ସମୟରେ ଶବ ସଂରକ୍ଷଣ ଗୃହକୁ ଅସ୍ଥାୟୀ ବ୍ୟବସ୍ଥାରେ ତାର ବିଛାଯାଇ ବିଦ୍ୟୁତ୍ ସେବା ସଂଯୋଗ କରାଯାଇଥିବା




କୁହାଯାଇଛି। ମୃତ ଦେହକୁ ଅଣଦେଖା ଓ ବିଦ୍ୟୁତ ସେବା ଯୋଗାଇବାରେ ବିଳମ୍ବକୁ ଅବ୍ୟବସ୍ଥା ଯୋଗୁଁ ମୃତକଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହସ୍ପିଟାଲ ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ପୋଖରୀ ଉନ୍ନତୀକରଣ କାମରେ ଦୁର୍ନୀତି !

# ବିଡିଓଙ୍କୁ ଅଭିଯୋଗ କଲେ ପୂର୍ବତନ ସରପଞ୍ଚ



କୁକୁଡ଼ାଖଣ୍ଡି,୪।୬(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ଗ୍ରାମରେ ପୋଖରୀ ଉନ୍ନୟନ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କୌଣସି କାର୍ଯ୍ୟ ନକରି କେବଳ ନାମକୁ ମାତ୍ର ସୂଚନା ଫଳକ ଲଗାଇ ପ୍ରାୟ ୧ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ ପାସ୍ କରାଯାଇଥିବା ନେଇ ରହିଗାଁ ଗ୍ରାମର ପୂର୍ବତନ ସରପଞ୍ଚ ଅଭିଯୋଗ କରିବା ସହ କୁକୁଡାଖଣ୍ଡି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ ନଳିହାଡ଼ ଗ୍ରାମର 'ଖଣ୍ଡିଆ ବନ୍ଧ'ର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ, ଗ୍ରାମର କିଛି ଲୋକ ନିଜସ୍ୱ ଖର୍ଚ୍ଚରେ ଏହି ପୋଖରୀରୁ ମାଟି କାଢ଼ି ନିଜ ଜମିରେ ପକାଇଥିଲେ। ସେଠାରେ ସରକାରୀ ସ୍ତରରେ କୌଣସି କାମ କରାଯାଇ ନଥିଲା। ମାତ୍ର ପଞ୍ଚାୟତର ପିଇଓ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟର ମିଶି ଏହି କାର୍ଯ୍ୟ ସରକାରୀ ଅନୁଦାନରେ ହୋଇଥିବା ଦର୍ଶାଇଛନ୍ତି। ସେହିପରି ନିର୍ମାଣ ବୋର୍ଡରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ମଧ୍ୟ ଉଲ୍ଲେଖ କରାଯାଇ ନାହିଁ, ଯାହା ଦୁର୍ନୀତିର ସନ୍ଦେହ ବଢ଼ାଉଛି। ଘଟଣାରେ ସମ୍ପର୍କରେ ବୁଝିବା ପାଇଁ ଏଇଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଘଟଣାର ତଦନ୍ତ କରିବାକୁ ପୂର୍ବତନ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ମା' ସିଂହାସନୀଙ୍କ ରଜପର୍ବ ପ୍ରସ୍ତୁତି




ପୋଲସରା,୪।୬(ସମିସ): ପୋଲସରା ଅଞ୍ଚଳର ଇଷ୍ଟଦେବୀ ମା'ସିଂହାସନୀଙ୍କ ରଜପର୍ବ ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବ୍ଲକ ଅନ୍ତର୍ଗତ କସିପଡା ସ୍ଥିତ ମା'ସିଂହାସନୀ ପୀଠ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ବୈଠକରେ ମା'ସିଂହାସନୀ ଉନ୍ନୟନ କମିଟିର ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ଜୁନ ମାସ ୩ ଦିନ ୧୪, ୧୫ ଓ ୧୬ ତାରିଖ ରେ ହେବାକୁ ଥିବା ଏହି ରଜପର୍ବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନିଆରା ଢଙ୍ଗରେ ରଜପର୍ବ ପାଳନ କରିବା ପାଇଁ ମନ୍ତ୍ରୀ ମତପ୍ରକାଶ କରିଥିଲେ। ଆଇନ ଶୃଙ୍ଖଳା, ବିଦ୍ୟୁତ ଯୋଗାଣ, ପାନୀୟ ଜଳ, ଟ୍ରାଫିକ ସମସ୍ୟା, ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା, ମୋବାଇଲ ଟଏଲେଟ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରଜପର୍ବ ସମୟରେ ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବିକ୍ରି ବ୍ୟାନ ପାଇଁ ମନ୍ତ୍ରୀ ଶ୍ରୀ ମଲିକ ପୁଲିସ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରୀଷ୍ମ ପ୍ରଭାବକୁ ନଜରରେ ରଖି ଯେଭଳି ପିଇବା ପାଣିର ସମସ୍ୟା ନଉପୁଜେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଉଥିଲା। ବୈଠକରେ ବ୍ଲକ ଚେୟାରମ୍ୟାନ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଦୀପକ କୁମାର ପ୍ରଧାନ, ରବୀନ୍ଦ୍ର ନାଥ ନାୟକ, ଅତିରିକ୍ତ ତହସିଲଦାର ରମେଶ କୁମାର ମଲ୍ଲିକ, ଥାନା ଅଧିକାରୀ କୌଶିକ୍ ମାଝୀ, ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ମନ୍ଦିର କମିଟି ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମହିଳାଙ୍କ ମୃତଦେହ ଉଦ୍ଧାର

ଆସିକା,୪।୬(ସମିସ): ଆସିକା ଥାନା ଖଣ୍ଡଦେଉଳି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଏକ ନିଛାଟିଆ ବିଲମାଳରେ ପଡ଼ିଥିବା ଜଣେ ମହିଳାଙ୍କ ମୃତଶରୀରକୁ ପୁଲିସ ଠାବ କରିଛି। ମୃତ ମହିଳା ଜଣକ ହେଲେ ଖଣ୍ଡଦେଉଳି ଗ୍ରାମର ଅନୁଜ ପ୍ରଧାନଙ୍କ ସ୍ତ୍ରୀ ରତ୍ନୁ ପ୍ରଧାନ(୩୭)। ଘଟଣାସ୍ଥଳରେ ପୁଲିସ ଓ ଆସ୍କା ଏସଡିପିଓ ପହଁଚି ତଦନ୍ତ ଜାରି ରଖିଛନ୍ତି। ପୁଲିସ ରତ୍ନୁଙ୍କ ସ୍ୱାମୀକୁ ଅଧିକ ପଚରା ଉଚରା ଜାରି ରଖିଛି। ଆସିକା ଥାନା କେଶ ନମ୍ବର ୧୭/୨୦୨୬ରେ ମାମଲା ରୁଜୁ ହୋଇ ଥିବା ବେଳେ ଶବ ବ୍ୟବଛେଦ ରିପୋର୍ଟକୁ ଅପେକ୍ଷା କରିଛି ପୁଲିସ।

### ବଢ଼ି ଚାଲିଛି ମୋରମ ଚୋରା ଚାଲାଣ

# ରାଜସ୍ୱ ବିଭାଗ ଓ ପୁଲିସର ମିଳିତ ଚଢ଼ଉ

ଖଲ୍ଲିକୋଟ,୪।୬(ସମିସ): ଖଲ୍ଲିକୋଟ ଅଞ୍ଚଳରେ ଦିନକୁ ଦିନ ମୋରମ ଚୋରାଚାଲାଣ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଗତକାଲି ବିଳମ୍ବିତ ରାତିରେ ରାଜସ୍ୱ ବିଭାଗ ଓ ଖଲ୍ଲିକୋଟ ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ଲୋଂଘର ଅଞ୍ଚଳ ଏବଂ ଖଲ୍ଲିକୋଟ ଏନଏସି ଅନ୍ତର୍ଗତ ବଡ଼ରାଉଳ ମନ୍ଦିର ନିକଟ ପାହାଡ଼ ଅଞ୍ଚଳରୁ ବେଆଇନ ଭାବେ ମୋରମ ଖୋଳି ଚୋରା ଚାଲାଣ ହେଉଥିବା ବେଳେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ମୋରମ ଚୋରା ଚାଲାନରେ ବ୍ୟବହୃତ ୩ ଗୋଟି ହାଇୱା ଏବଂ ମୋରମ ଖୋଳୁଥିବା ଗୋଟିଏ ଜେସିବିକୁ ଜବତ କରିଥିଲେ ପୁଲିସ ଓ ରାଜସ୍ୱ ବିଭାଗର ଅଧିକାରୀ। ଏହି ଚଢ଼ଉରେ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଅତିରିକ୍ତ ତହସିଲଦାର ମାନସ ବେହେରା, ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ରାଜସ୍ୱ ଓ ପୁଲିସ କର୍ମଚାରୀ ସାମିଲ ଥିଲେ।

### କାନ୍ଥରେ ଲୁଗା ଶୁଖାଇବାକୁ କେନ୍ଦ୍ରକରି ହତ୍ୟା ଉଦ୍ୟମ

# ଅଭିଯୁକ୍ତ ବାପ, ପୁଅ ଗିରଫ

ଦିଗପହଣ୍ଡି,୪।୬(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର କେ.ଜୟରାମ ଦୋରା ଏବଂ ରବୀନ୍ଦ୍ର ନାହାକ ଦୁଇ ପଡୋଶୀ ହେଲେ ମଧ୍ୟ ଛୋଟ ଛୋଟ କଥାରେ ଉଭୟ ପରିବାର ଲୋକଙ୍କ ମଧ୍ୟରେ ଭଲ ସମ୍ପର୍କ ନାହିଁ। ଘର ବାରିପଟ କାନ୍ଥରେ ଲୁଗା ଶୁଖାଇବାକୁ କେନ୍ଦ୍ରକରି ଉଭୟ ପରିବାର ଲୋକଙ୍କ ମଧ୍ୟରେ କିଛି ଦିନ ପୂର୍ବେ ଗଣ୍ଡଗୋଳ ହୋଇଥିଲା। ସାହି ଭଦ୍ରଲୋକ ହସ୍ତକ୍ଷେପ କରି ସମାଧାନ କରିଥିଲେ। ହେଲେ ମଧ୍ୟ ଉଭୟ ପରିବାରର ମହିଳା ମାନଙ୍କ ମଧ୍ୟରେ ପରଶ୍ରୀକାତରତାରୁ ଶତ୍ରୁତା ଲାଗି ରହିଥିଲା। ବୁଧବାର ସକାଳ ପ୍ରାୟ ୧୦ଟାରେ ଜୟରାମଙ୍କ ମୁଣ୍ଡକୁ ରବୀନ୍ଦ୍ର ଏବଂ ତାଙ୍କ ପୁଅ କିସାନ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ମୁଣ୍ଡ ଫାଟି ପ୍ରଚୁର ରକ୍ତ ବାହାରିବାରୁ ସମ୍ପର୍କୀୟ ଲୋକେ ଜୟରାମଙ୍କୁ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ହୋଇ ଫେରିବା ପରେ କେ. ଜୟରାମ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ଏକ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ସମୁଦାୟ ଘଟଣାର ତଦନ୍ତ କରି ଗୁରୁବାର ସକାଳ ପ୍ରାୟ ୧୦ଟାରେ ଉଭୟ ଅଭିଯୁକ୍ତ ବାପ, ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

# ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର,୪।୬(ସମିସ): ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଆମ ଅସ୍ମିତାକୁ ବହନ କରୁଥିବା ନାଟକ "ବଦଳି ଯାଉଥିବା ସମୟ' ପରିବେଷଣ ହୋଇଥିଲା। ଗଞ୍ଜାମ ଜିଲ୍ଲା କଳାକାର ସଂଘ ଦ୍ୱାରା ଆୟୋଜିତ ୧ମ ଗଞ୍ଜାମ ଜିଲ୍ଲାସ୍ତରୀୟ ନାଟକ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ନାଳନ୍ଦାଶ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ କାଳିଚରଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ନଂ ୨୬ର କର୍ପୋରେଟର ଧୀରେଶ ରାଉତ, ଓଡିଶା ନାଟ୍ୟ ସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ବସ୍ତୁବିତ ଡ ସନ୍ୟାସୀ ମହାରଣା, ବିଶିଷ୍ଟ ଅଭିନେତା ପ୍ରଶାନ୍ତ ମହାରଣା ଏବଂ ଗଙ୍ଗାଧର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଡ ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଶଙ୍କର୍ଷଣ ସାବତ ମଂଚାସୀନ ଥିବାବେଳେ ସଭାକୁ ଅଧ୍ୟକ୍ଷତା କରିଥିଲେ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ। ସହ ସମ୍ପାଦକ ଅଜିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ ଏବଂ ସୁନନ୍ଦା ରାଣୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ନାଟ୍ୟକାର ତ୍ରିପତି ନାୟକ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ପ୍ରଚାର ପ୍ରସାର ସମ୍ପାଦକ ସୁଦିପ ସାହୁ, ମନୋଜ ଦଣ୍ଡପାଟ, ଗିରିଜା ଶଙ୍କର ଦାଶ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ନାୟକ, ସରୋଜ କୁମାର ବାରିକ, ବିନାୟକ ହୋତା, ସନ୍ଦୀପ ପଟ୍ଟନାୟକ, ସଦସ୍ୟ ଅରୁଣ କୁମାର ଶତପଥୀ, ବିଘ୍ନେଶ୍ୱର ସାହୁ ସହଯୋଗ କରିଥିଲେ।

**ବଦଳି ଯାଉଥିବା ସମୟ ମଞ୍ଚସ୍ଥ**

# ୫୭ ବୟସରେ ବି ହିରୋ

ଛତ୍ରପୁର, ୪।୬(ସମିସ): ଯାତ୍ରା ଜଗତରେ ଅନେକ ବଛା ବଛା କଳାକାର ସେମାନଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛନ୍ତି। ସେହିଭଳି ଜଣେ ଚର୍ଚ୍ଚିତ ନାମ ହେଉଛି ଗୌର ଦାସ। ନିଜର ଦମଦାର ଅଭିନୟ, ସଂଳାପ ଓ ମଞ୍ଚ ଉପସ୍ଥାପନା ପାଇଁ ସେ ଆଜି ଘରେ ଘରେ ପରିଚିତ। ହଜାର ହଜାର ଯାତ୍ରା ପ୍ରେମୀଙ୍କ ହୃଦୟରେ ରାଜ କରିପାରିଥିବା ଗୌର ଦାସଙ୍କୁ ଆଜି ଛତ୍ରପୁର ମାଟିରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସହରରେ ଆୟୋଜିତ ମା ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରାରେ ଅଭିନେତା ଗୌର ଦାସ ଯୋଗଦେଇ ମା'ଙ୍କୁ ଦର୍ଶନ କରିବା ସମୟରେ ଯାତ୍ରା କମିଟି ଓ ଛତ୍ରପୁରର କଳାପ୍ରେମୀ ରାମେଶ୍ୱର ପଣ୍ଡା, ଅରୁଣ ଶତପଥି ଓ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଦେବେନ୍ଦ୍ର ଶର୍ମା ଓ ସୁମନ ପଟ୍ଟନାୟକ ପ୍ରଭୃତି ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ଯାତ୍ରା ଅଭିନେତା ଶ୍ରୀ ଦାସ ସୁମନ ପଟ୍ଟନାୟକଙ୍କ ଜଗନ୍ନାଥ ଡ୍ରାମା କ୍ରିଏସନ ଅଭିନୟ ଶିକ୍ଷା ଅନୁଷ୍ଠାନକୁ ଯାଇ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ଅଭିନୟ ଶିକ୍ଷାକୁ ଦେଖି ଖୁସି ହୋଇଥିଲେ। ଏହି ଅବସରରେ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର କରିଛନ୍ତି ଆମ ଛତ୍ରପୁର ସବଡ଼ିଭିଜନ ପ୍ରତିନିଧି ପ୍ରଶାନ୍ତ କୁମାର ମହାରଣା।



**ପ୍ର: ଗୌର ଦାସ ଆପଣ କେବେ ଠାରୁ ନିଜ ଅଭିନୟ ଆରମ୍ଭ କଲେ ?**

ଉ: ୧୯୯୪ ମସିହାରେ ମୁଁ ପ୍ରଥମେ ଅଭିନୟ ଆରମ୍ଭ କରିଥିଲି। ଜଗଧାତ୍ରୀ ଗଣନାଟ୍ୟର ମାଣିକ ନାଟକରୁ ମୁଁ ମୋ ଅଭିନୟର ଯାତ୍ରା ଆରମ୍ଭ କରିଥିଲି। ବାପା, ମା ଗୁରୁ ଓ ସର୍ବୋପରି ଦର୍ଶକ ମାନଙ୍କ ଭଲ ପାଇବା ଓ ଆଶୀର୍ବାଦରୁ ଏଯାବତ୍ ପ୍ରାୟ ୨୦୦ ନାଟକ ମଞ୍ଚସ୍ଥ କରିଥିଲି।

**ପ୍ର: ଲୋକପ୍ରିୟ ଅଭିନେତା ଗୌର ଦାସ ଯାତ୍ରା ଜଗତରେ ଏତେ ଚର୍ଚ୍ଚିତ କାହିଁକି ?**

ଉ: ଯେଉଁ କାମ ବି ଆପଣ ମାନେ କରନ୍ତୁ ନା କାହିଁକି ସବୁ କାର୍ଯ୍ୟ ଦୃଢତାର ସହ କରନ୍ତୁ, ମନପ୍ରାଣ ଦେଇ ସମସ୍ତ କାମ କଲେ ସଫଳତା ପାଇପାରିବେ। ଦର୍ଶକ ମାନେ ଭଲପାଇବା ଦେଇଛନ୍ତି। ଲୋକ ଅଭିନୟକୁ ପସନ୍ଦ କରିଛନ୍ତି। ସେମାନଙ୍କ ଆର୍ଶୀବାଦରୁ ମୁଁ ଆଜି ଏତେ ଚର୍ଚ୍ଚିତ।

**ପ୍ର: ବୟସ ପାଖାପାଖି ୫୭ ତଥାପି ଏପର୍ଯ୍ୟନ୍ତ ହିରୋ ଭୂମିକାରେ ଗୌର ଦାସ, ଲୋକେ ସବୁବେଳେ ଗୌର ଦାସଙ୍କୁ ହିରୋ ଭୂମିକାରେ ଦେଖିବେ ନା ବାପା ଭୂମିକାରେ ଅଭିନୟ କରିବେ ?**

ଉ: ଯାତ୍ରା ଦୁନିଆରେ ନିର୍ଦ୍ଦେଶକ ଓ ଲେଖକଙ୍କ ରଚନାକୁ ଆଧାର କରି ଯେତେବେଳେ ଯେଉଁ ଭୂମିକା ଦିଆଯାଇଛି ତାହାକୁ ମୁଁ ଅନୁସରଣ କରିଛି, ସର୍ବଦା ସେଥିପାଇଁ ନିଜ ନିଜ ଉତ୍ତମ ଅଭିନୟ ପ୍ରଦର୍ଶନ କରି ଆସିଛି। ନାଟକରେ ଯେଉଁ ଚରିତ୍ର ମୁଖ୍ୟ ଭୂମିକା ନିର୍ବାହ କରିଥାଏ ସେହି ଚରିତ୍ର ହିଁ ହିରୋ। ଏଣୁ ମୁଖ୍ୟ ଚରିତ୍ର ଭାବେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିବାକୁ ମୁଁ ସର୍ବଦା ଚେଷ୍ଟା କରୁଛି। ବୟସ ପାଖାପାଖି ୫୭ ହୋଇଥିଲେ ବି ନାଟକ ପ୍ରତି ମୋର ଆନ୍ତରିକତା ରହିଛି। ଏଣୁ ଚେଷ୍ଟା କରିବି ଦର୍ଶକ ମାନଙ୍କ ମନୋରଞ୍ଜନ କରିଆସୁଥିବି। ହୁଏତ ଆଗାମୀ ଦିନରେ ବାପା କିମ୍ବା ବଡ ଭାଇ ଅଭିନୟରେ ଅଭିନୟ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରାଇବି।

**ପ୍ର: ଗୌର ଦାସଙ୍କ ନାମକୁ ନେଇ ବହୁ ନାଟକ କରାଯାଇଛି, ସେହି ନାଟକ ଗୁଡିକ ଏତେ ଲୋକପ୍ରିୟ କାହିଁକି ?**

ଉ: ଦେଖନ୍ତୁ ମୋ ନାମକୁ ନେଇ ଏବେ ସୁଦ୍ଧା ୩ଟି ନାଟକ ରଚନା କରାଯାଇଛି। ସବୁ ନାଟକରେ ମୁଁ ମୁଖ୍ୟ ଭୂମିକା ଭାବେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଛି। କେତେ କାନ୍ଦିବୁରେ ଗୌରା ଦାସ, ଏ ଗଉରା କାହିଁକି କାନ୍ଦୁଛୁ ଓ କହ ଗୌର ଦାସ କାହାର ଦୋଷ ଭଳି ନାଟକ ମୋ ନାମକୁ ନେଇ ବହୁ ଲେଖକ ଓ ନିର୍ଦ୍ଦେଶକ ନାଟକ ରଚନା କରିଛନ୍ତି। ଦର୍ଶକ ମାନେ ତାକୁ ଅଧିକ ଭଲ ପାଇବା ଦେଇଛନ୍ତି। ଆଗାମୀ ଦିନରେ ଆଉ ଏକ ନାଟକ ମଧ୍ୟ ମଞ୍ଚସ୍ଥ ହେବାକୁ ଯାଉଛି ଯାହାର ନାମ ଗୌର ଦାସଙ୍କ ଗୁରୁ ଦକ୍ଷିଣା। ଆଶା କରୁଛି ଦର୍ଶକ ମାନେ ଏହାକୁ ନିଶ୍ଚିତ ଭାବେ ଭଲ ପାଇବା ଦେବେ।

**ପ୍ର: ବର୍ତ୍ତମାନ ସମୟରେ ଅଧିକ ଲୋକପ୍ରିୟ ନାଟକ କ'ଣ ?**

ଉ: ବର୍ତ୍ତମାନ ଶିବାନୀ ଗଣନାଟ୍ୟର ହା କୃଷ୍ଣ ବୋଲି ଯାଉ ଜୀବ ନାଟକକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି। ଖାଲି ସେତିକି ନୁହେଁ ବହୁ ନାଟକକୁ ଦର୍ଶକ ମାନେ ବହୁ ଭଲପାଇବା ଦେଇଛନ୍ତି। ଆଜି ଯେଉଁ ସ୍ଥାନରେ ମୁଁ ପହଂଚି ପାରିଛି ସବୁ ବାପା ମା ଗୁରୁ ଓ ଦର୍ଶକଙ୍କ ଆଶୀର୍ବାଦରୁ।

**ପ୍ର: ମଞ୍ଚରେ ନାଟକ ପରିବେଷଣ କରିବା ପଛରେ ବଡ ଦୁଃଖ କଣ ?**

ଉ: ବିଭିନ୍ନ ସ୍ଥାନକୁ ଯାଇ ମଞ୍ଚ ଉପରେ ନାଟକ ପରିବେଷଣ କରୁଛି। ଆବଶ୍ୟକ ବେଳେ ଘରକୁ ନ ଯାଇପାରିବା ଓ ବାପା ମାଙ୍କ ମୃତ୍ୟୁ ବେଳେ ତାଙ୍କ ଶେଷ ସମୟରେ ତାଙ୍କୁ ନ ଦେଖିପାରିବା ହିଁ ବଡ ଦୁଃଖ।

**ପ୍ର: ଦର୍ଶକ ଙ୍କ ପାଇଁ କ'ଣ ବାର୍ତ୍ତା ରହିବ ?**

ଉ: ଯିଏ ଯେଉଁ ସ୍ଥାନରେ ଥାଉ ନା କାହିଁକି ସମସ୍ତେ ପ୍ରଥମେ ନିଜ ନିଜ ବାପା ମାଙ୍କୁ ଶ୍ରଦ୍ଧା କର, ସେମାନଙ୍କୁ ସମ୍ମାନ ଦିଅ, ସେମାନଙ୍କ ସେବା କର ଯାହା ଫଳରେ ଓଡିଶାରେ ବୃଦ୍ଧାଶ୍ରମର ଆବଶ୍ୟକ ପଡିବ ନାହିଁ। ଏପରି କଲେ ଆଗାମୀ ଦିନରେ ନିଜେ ସୁଖି ରହିବ ଏବଂ ନିଜ ପରିବାରକୁ ସୁଖି ରଖିପାରିବ। ମୁଁ ଆଜି ମୋ ବାପା ସ୍ୱର୍ଗତ ଶ୍ରୀହରି ଚରଣ ଦାସ ଓ ମାତା ଶ୍ରୀମତି ରାଧା ଦାସଙ୍କ ପାଇଁ ମୁଁ ଆଜି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରୁଛି। ଏଣୁ ସମସ୍ତେ ନିଜ ନିଜ ବାପା ମା ଙ୍କ ସେବା କର, ସେବା କଲେ ହିଁ ଦିନେ ନା ଦିନେ ସଫଳତା ପାଇବ।

ସ୍ୱତନ୍ତ୍ର ସାକ୍ଷାତକାର: ପ୍ରଶାନ୍ତ କୁମାର ମହାରଣା
(ଛତ୍ରପୁର ସବଡିଭିଜନ ପ୍ରତିନିଧି, ସକାଳ)

# ବେଆଇନ ଗୋରୁ ବୋଝେଇ ଟ୍ରକ୍ ଜବତ

ଖଲ୍ଲିକୋଟ,୪।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ପ୍ଲାଜା ନିକଟରୁ ଗୋରୁ ବୋଝେଇ ଟ୍ରକ୍‌କୁ ଧରିଲା ବଜରଙ୍ଗ ଦଳ। ଟ୍ରକରେ ୨୨ଟି ଗୋରୁଙ୍କୁ ଅତି ଅମାନୁଷିକ ଭାବେ ବାନ୍ଧି ଖୋର୍ଦ୍ଧା ଠାରୁ ଆନ୍ଧ୍ର ସୀମାନ୍ତକୁ ଚାଲାଣ ହେଉଥିବା ଜଣାପଡ଼ିଛି। ବୁଧବାର ରାତିରେ ଏକ ଟ୍ରକ ଯୋଗେ ଗୋରୁ ଚାଲାଣ ହେଉଥିବା ଖଲ୍ଲିକୋଟ୍ ବଜରଙ୍ଗ ଦଳ ସୁଚନା ପାଇ ଟୋଲ ପ୍ଲାଜା ନିକଟରୁ ଗୋରୁ ବୋଝେଇ ଟ୍ରକକୁ ଧରି ଖଲ୍ଲିକୋଟ୍ ଥାନାରେ ଜିମା ଦେଇଥିଲେ। ପୁଲିସ ଟ୍ରକ ଡ୍ରାଇଭର୍ ଶେଖ ସରଫରୋଜକୁ ଥାନାରେ ଅଟକ ରଖି ପଚରା ଉଚରା କରିଥିଲେ। ପରେ ପୁଲିସ ହେପାଜତ ରେ ଉଦ୍ଧାର ହୋଇଥିବା ୨୨ ଗୋଟି ଗୋରୁଙ୍କୁ ଦିଗପହଣ୍ଡି ନିକଟସ୍ଥ ମୌଳାଭଣଜାରେ ଥିବା ମଦନ ମୋହନ ଗୋଶାଳାକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଖଲ୍ଲିକୋଟ ବଜରଙ୍ଗ ଦଳ ସଭାପତି ସନ୍ତୋଷ କୁମାର ମିଶ୍ର କହିଛନ୍ତି ଯେ, ଏହା ଏକ ଉଦବେଗର ବିଷୟ। ପ୍ରତିଦିନ ରାତିରେ ଗୋରୁ ବୋଝେଇ ଟ୍ରକ ଜାତୀୟ ରାଜପଥରେ ଭୁବନେଶ୍ୱରରୁ ଆନ୍ଧ୍ର ଅଭିମୁଖେ ଯାଉଛି। ବଜରଙ୍ଗ ଦଳ ର କର୍ମୀ ମାନେ ସବୁବେଳେ ରାତି ଅନିଦ୍ରା ହୋଇ ଜଗି ରହିବା ସମ୍ଭବ ହେଉନାହିଁ। ଟୋଲଗେଟ ନିକଟରେ ଭେଜିପୁଟ ଫାଣ୍ଡି ରହିଥିବାରୁ ପୁଲିସ ଚାହିଁଲେ ଏହି ଗୋ ଚାଲାନକୁ ରୋକା ଯାଇପାରିବ।

# ମନ୍ଦାର ପଞ୍ଚାୟତକୁ ଜାତୀୟ ପୁରସ୍କାର



ପୋଲସରା,୪।୬(ସମିସ): ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ଦେଶର ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ ବୁଧବାର ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ପୁରସ୍କୃତ ହୋଇଛି। ଦିନଦୟାଲ ଉପାଧ୍ୟାୟ ପଞ୍ଚାୟତ ସ୍ୱତତା ବିକାଶ ପୁରସ୍କାର ଯୋଜନାରେ ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ଓ ସରପଞ୍ଚ ସୁନିତା ଜେନା ରାଷ୍ଟ୍ରପତି ଭବନରେ ପହଞ୍ଚି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ହାତରୁ ପୁରସ୍କାର ଗ୍ରହଣ କରିଛନ୍ତି। ଯାହାକି ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିଛି। ଦେଶରେ ସର୍ବଶ୍ରେଷ୍ଠ ପଂଚାୟତ ପାଇବାରେ ବିଡ଼ିଓ ଶଶୀ ଭୂଷଣ ମହାପାତ୍ର ଙ୍କ ଯଥେଷ୍ଟ ଅବଦାନ ରହିଥିବା ସରପଞ୍ଚ ସୁନିତା ଜେନା ନିଜ ପ୍ରତିକ୍ରିୟାରେ କହିଥିଲେ।

# ଷଣ୍ଢ ଲଢ଼େଇରେ ଭାଙ୍ଗିଲା କଲେଜ ତାଲା

ଖଲ୍ଲିକୋଟ,୪।୬(ସମିସ): ରାତି ଅଧରେ ଷଣ୍ଢ ଲଢେଇରେ ଭାଙ୍ଗିଲା ଆରସିଏମ କଲେଜ ମୁଖ୍ୟ ଫାଟକର ତାଲା। ଏପଟେ ତାଲା ଭଙ୍ଗା ଘଟଣାର ତଦନ୍ତ କରିବାକୁ ଯାଇ ପୁଲିସ ନାକେଦମ। ଗୁରୁବାର ସକାଳୁ କର୍ମଚାରୀ ଚାବି ଧରି ଆରସିଏମ କଲେଜର ମୁଖ୍ୟ ଫାଟକ ତାଲା ଖୋଲିବାକୁ ଆସିଥିବା ବେଳେ ତାଲା ଭାଙ୍ଗିଥିବା ଅବସ୍ଥାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ କଲେଜର ଅନ୍ୟ କର୍ମଚାରୀ ମାନେ ମଧ୍ୟ ତୁରନ୍ତ ସେଠାରେ ପହଞ୍ଚିଥିଲେ। କୌଣସି ଦୁର୍ବୃତ୍ତ ଚୋରି କରିବା ଉଦ୍ଦେଶ୍ୟରେ



ତାଲା ଭାଙ୍ଗି ଥାଇପାରେ ବୋଲି ସନ୍ଦେହ କରି ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଅନ୍ୟ ପୁଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଚୋରି ହୋଇଥିବା ସନ୍ଦେହରେ ପୁରା କଲେଜ କ୍ୟାମ୍ପସ ବୁଲି ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ ଥାନା ଅଧିକାରୀ। କିନ୍ତୁ ଚୋରିର କୌଣସି ସୁରାକ ମିଳି ନଥିଲା। ଯେତେବେଳେ କାର୍ଯ୍ୟାଳୟ ଖୋଲି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ପୁଲିସ, ସେତେବେଳେ ପୁରା ଘଟଣା ସାମ୍ନାକୁ ଆସିଥିଲା। ରାତି ଅଧରେ ଦୁଇଟି ଷଣ୍ଢ ଲଢେଇ ଲାଗି କଲେଜ ମୁଖ୍ୟ ଫାଟକରେ ବାଡେଇ ହୋଇଯିବାରୁ ତାଲାଟି ଭାଙ୍ଗି ଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଶେଷରେ ଅତି ଗମ୍ଭୀର ଲାଗୁଥିବା ସମସ୍ୟାଟି ଅତି କୌତୁହଳପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା।

### ଉପ-ଡାକଘରେ ଅବ୍ୟବସ୍ଥା

# ପୋଷ୍ଟ ମାଷ୍ଟର କରୁଛନ୍ତି କ୍ଲର୍କ କାମ

କୁକୁଡ଼ାଖଣ୍ଡି,୪।୬(ସମିସ): କୁକୁଡ଼ାଖଣ୍ଡି ଉପ-ଡାକଘରେ ବହୁ ଦିନ ପରେ ଜଣେ ସ୍ଥାୟୀ ପୋଷ୍ଟ ମାଷ୍ଟର ଅବସ୍ଥାପିତ ହୋଇଛନ୍ତି। ହେଲେ ଡାକଘରର ଅବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି।

**ବର୍ଷ ବର୍ଷ ଧରି ଚୌକି ମାଡ଼ି ବସିଛନ୍ତି କର୍ମଚାରୀ**




ଏଠାରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଏବଂ ସାଧାରଣ ଜନତାଙ୍କ ପ୍ରତି ଦୁର୍ବ୍ୟବହାର ଯୋଗୁଁ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସୂଚନା ଅନୁସାରେ, ପୋଷ୍ଟ ମାଷ୍ଟର ଆସିବା ପୂର୍ବରୁ ଏହି ଉପ-ଡାକଘରର ସମସ୍ତ ଦାୟିତ୍ୱ ତୁଲାଉଥିଲେ ପୋଷ୍ଟାଲ ଆସିଷ୍ଟାଣ୍ଟ। ଜରଡ଼ା ପୋଷ୍ଟ ଅଫିସରୁ ଏଠାକୁ ଡେପୁଟେସନରେ ଆସି ପ୍ରାୟ ୩ ବର୍ଷ ହେଲାଣି କାର୍ଯ୍ୟ କରୁଛନ୍ତି। ତେବେ ସମ୍ପୃକ୍ତ କର୍ମଚାରୀ ଜଣକ ଡାକଘରକୁ ଆସୁଥିବା ସାଧାରଣ ଗ୍ରାହକଙ୍କୁ ଠିକ୍ ଭାବେ ବ୍ୟବହାର କରୁନଥିବା ଅଭିଯୋଗ ହେଉଛି। ତାଙ୍କ ବିରୋଧରେ ପୂର୍ବରୁ ଅନେକ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କୁ ସେହି ସ୍ଥାନରୁ ବଦଳି କରାଯାଉନି। ଓଲଟା ଏହି ପୋଷ୍ଟ ଅଫିସରେ ଥିବା ଅନ୍ୟ ଜଣେ କ୍ଲାର୍କଙ୍କୁ ଏଠାରୁ ଅନ୍ୟତ୍ର ଡେପୁଟେସନରେ ପଠାଇ ଦିଆଯାଉଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ କୁକୁଡ଼ାଖଣ୍ଡି ଉପ-ଡାକଘରର ଚିତ୍ର ଏବେ ପୂରା ଓଲଟା ହୋଇଛି। ଦୁଇ ଦୁଇ ଜଣ କ୍ଲର୍କ ଥିବା ବେଳେ ଜରଡ଼ା ପୋଷ୍ଟ ଅଫିସରୁ ଆସିଥିବା କର୍ମଚାରୀ ଜଣକ ନିଜେ ପୋଷ୍ଟ ମାଷ୍ଟର ଆସନରେ ବସି ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଅପରପକ୍ଷରେ, ନିଜେ ପୋଷ୍ଟ ମାଷ୍ଟର କ୍ଲର୍କ ଆସନରେ ବସି କ୍ଲର୍କଙ୍କ କାମ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଅଜବ ବ୍ୟବସ୍ଥା ଯୋଗୁଁ ଡାକଘରକୁ ଆସୁଥିବା ସାଧାରଣ ଲୋକେ କେଉଁ କାମ ପାଇଁ କାହା ପାଖକୁ ଯିବେ, ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାହକ ମହଲରେ ଦାବି ହୋଇଛି।

## ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା,୪।୬(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସିଙ୍ଗାବାଡ଼ି ଗ୍ରାମର ସୁପ୍ରଜିତ୍ ଗୌଡ଼ (୨୩) ବୋଲି ପୋଲିସ ସୂଚନା ଦେଇଛି। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ଜନୈକା ଯୁବତୀଙ୍କୁ ଗତ ଦୁଇରୁ ତିନି ବର୍ଷ ତଳେ ଫେସବୁକ୍ ମାଧ୍ୟମରେ ଅଭିଯୁକ୍ତ ସୁପ୍ରଜିତଙ୍କ ଦେଖାସାକ୍ଷାତ ହୋଇ ପ୍ରେମ ସମ୍ପର୍କ ହୋଇଥିଲା। ପରେ ସୁପ୍ରଜିତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ତେବେ ଆଜି ଓ କାଲି ବିବାହ କରିବି କହି ଆଉ ଯୁବତୀ ଦିନ ପରେ ଦିନ ସୁପ୍ରଜିତ ଭଣ୍ଡେଇ ଚାଲିଥିଲେ। ପରେ ସୁପ୍ରଜିତ ଯୁବତୀଙ୍କୁ ବିବାହ କରିବା ପାଇଁ ରୋକ ଠୋକ ମନା କରି ଦେଇଥିଲେ। ଏନେଇ ଯୁବତୀ ଜଣକ ବୁଧବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଥାନା କେସନଂ ୨୦୨/୨୬ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସକାଳେ ସିଙ୍ଗାବାଡ଼ି ଗ୍ରାମରୁ ସୁପ୍ରଜିତ ଥିବା ଖବର ପାଇ ପୁଲିସ ଉଠାଇ ନେଇ ଥାନାରେ ପଚରା ଉଚରା କରିବା ପରେ ଅପରାହ୍ଣରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ଯୁବତୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡ଼ାକ୍ତରୀ ମାଇନା ହୋଇଥିବା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

## ମାଙ୍କ ଶୁଦ୍ଧିକ୍ରିୟା ପରେ ପୁଅ କଲେ ଆତ୍ମହତ୍ୟା

ଦିଗପହଣ୍ଡି,୪।୬(ସମିସ): ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଢେପ ସାହିର ଶରତ ଚନ୍ଦ୍ର ନାୟକ(୩୯) ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆ।ହତ୍ୟା କରିଛନ୍ତି। ସେ ବୁଡ଼ା ଜାହାଜରେ ପେଇଣ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ନିକଟ କଲ୍ୟାଣ ମଣ୍ଡପ ପରିସରରେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥଲେ। ଗ୍ରାମର କିଛି ବ୍ୟକ୍ତି ଦେଖିବା ପରେ ତାଙ୍କ ପରିବାର ଓ ସମ୍ପର୍କୀୟ ଲୋକଙ୍କୁ ଖବର ଦେଇଥିଲେ। ସମ୍ପର୍କୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଏନେଇ ଦିଗପହଣ୍ଡି ଥାନାରେ ଏତଲା ହେବା ପରେ ଆଇଆଇସି କିଶୋର କୁମାର ସାମଲ ଅପମୃତ୍ୟୁ ମାମଲା ନଂ.୨୯/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ ସିଂ ମୃତଦେହ ଜବତ କରିବା ସହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ବୁଧବାର ତାଙ୍କ ମା'ଙ୍କ ଶୁଦ୍ଧିକ୍ରିୟା ଏକଦଶାହ ଭୋଜି ସରିଥିଲା। ଘରେ ବନ୍ଧୁ ବାନ୍ଧବଙ୍କ ଗହଳ ଚହଳ ଥିଲା। ଭୋଜି ରେ ବ୍ୟବହୃତ କୁଳ ସମାଜ ହଣ୍ଡା,ହାଣ୍ଡି ଫେରସ୍ତ ପାଇଁ ସେ କଲ୍ୟାଣ ମଣ୍ଡପକୁ ଯାଇଥିଲେ। ସେଠାରେ କେହି ନଥିବା ସୁଯୋଗ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## କାଳବୈଶାଖୀର ପ୍ରଭାବ; ଗଛ ପଡ଼ି ଛିଡ଼ିଲା ବିଦ୍ୟୁତ ତାର



ଗୋଷାଣି, ୪।୬ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଆଜି ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏହି ବର୍ଷା ପବନ ପ୍ରଭାବରେ ବଡକତୁରୁ, ସାନକତୁରୁ, ଦୋନୁରୁ ଗ୍ରାମାଞ୍ଚଳରେ ଗଛ ପଡି ବିଦ୍ୟୁତ ତାର ତଥା ଉପକରଣ ନଷ୍ଟ ହୋଇଥିବାର ଜଣାଯାଇଛି। ଫଳରେ ଏହି ଗ୍ରାମାଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଛି। ଅଞ୍ଚଳବାସୀଙ୍କ କହିବା ମୁତାବକ ସାନକତୁରୁ ବଡକତୁରୁ ଗ୍ରାମ ମଧ୍ୟରେ ଏକ ବିରାଟକାୟ ଗଛ ପବନ ହେବା ଫଳରେ ବିଦ୍ୟୁତ ଖୁଣ୍ଟ ଓ ତାର ଉପରେ ପଡିଯାଇଛି। ସେହିଭଳି ଦୋନୁରୁ ରାସ୍ତାରେ ମଧ୍ୟ ଏକ ବିରାଟକାୟ ଗଛ ସମେତ ବହୁ ଗଛ ଡାଳ ଭାଙ୍ଗିଯାଇଛି। ଫଳରେ ଏହି ଅଞ୍ଚଳରେ ଯାତାୟତ ପ୍ରଭାବିତ ହୋଇଥିଲା। ଲୋକେ ନିଜ ନିଜ ଉଦ୍ୟମରେ ଭଙ୍ଗା ଗଛ ଡାଳକୁ ସଫା କରିଥିଲେ। ତେବେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ମୁଖ୍ୟତାର ଓ ଖୁଣ୍ଟ ଭାଙ୍ଗି ପଡିଥିବାର ଦେଖିବାକୁ ମିଳୁଛି। ତେଣୁ ଏସବୁ ଗ୍ରାମାଞ୍ଚଳରେ ବିଦ୍ୟୁତ ସରାବହ ବନ୍ଦ ରହିଛି।

### ବେଆଇନ ବାଲି ଚୋରାଚାଲାଣ ବେଳେ କାର୍ଯ୍ୟାନୁଷ୍ଠାନ

# ତିନି ଟ୍ରାକ୍ଟର ଜବତ; ତିନି ଡ୍ରାଇଭର କୋର୍ଟ ଚାଲାଣ

କାଶୀନଗର ୪।୬ ଗଜପତି ଜିଲ୍ଲା କାଶୀନଗର ଥାନା ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଗଜପତି ଏସପି ପ୍ରହ୍ଲାଦ ସହାଇ ମିନ୍ନାଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଓ ଯାଞ୍ଚକୁ ଅଧିକ ସକ୍ରିୟ କରାଯାଇଛି। ଏହି କ୍ରମରେ କାଶୀନଗର–ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତାରେ ଚାଲିଥିବା ନିୟମିତ ପେଟ୍ରୋଲିଂ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ତିନିଟି ଟ୍ରାକ୍ଟରକୁ ଅଟକ ରଖାଯାଇଥିଲା। ସୂଚନା ଅନୁଯାୟୀ, ସବ୍-ଇନ୍ସପେକ୍ଟର ଆଲୋକ ଜଗଦଲା ଯାଞ୍ଚ ସମୟରେ ସନ୍ଦେହଜନକ ଭାବେ ବାଲି ବୋଝେଇ ଯାଉଥିବା ତିନିଟି ଟ୍ରାକ୍ଟରକୁ ଅଟକାଇଥିଲେ। ପରେ ସମ୍ପୃକ୍ତ ଡ୍ରାଇଭରମାନଙ୍କୁ ବାଲି ପରିବହନ ସମ୍ବନ୍ଧୀୟ ବୈଧ କାଗଜପତ୍ର ଓ ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲା। ତେବେ ସେମାନେ କୌଣସି ବୈଧ ଦସ୍ତାବିଜ ଦେଖାଇବାରେ ବିଫଳ ହୋଇଥିଲେ। ଫଳରେ ପୋଲିସ ତୁରନ୍ତ ତିନିଟି ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭରମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଆନ୍ଧ୍ରରୁ ବେଆଇନ ବାଲି ଚୋ।ଚାଲାଣ ହୋଇ ଓଡ଼ିଶାକୁ ଆସୁଥିବା ଜଣାପଡିଛି ଯାହାକି ଓଡ଼ିଶା ରାଜସ୍ୱ ହରାଉଛି। ପରବର୍ତ୍ତୀ ସମୟରେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଜବତ ହୋଇଥିବା ଟ୍ରାକ୍ଟରଗୁଡ଼ିକ କାଶୀନଗର ଥାନା ଅନ୍ତର୍ଗତ ସୀତାପୁର ଅଞ୍ଚଳର ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣା ପରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଛନକା



ପଶିଥିବା ଦେଖାଯାଇଛି। ଅନ୍ୟପଟେ, କାଶୀନଗର ଅଞ୍ଚଳରେ ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭରମାନଙ୍କ ବିରୋଧରେ ମଧ୍ୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଟ୍ରାଫିକ ନିୟମ ଉଲ୍ଲଂଘନ, ବେଆଇନ ପରିବହନ ଓ ଅନ୍ୟାନ୍ୟ ଅପରାଧମୂଳକ କାର୍ଯ୍ୟକଳାପ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିଛି। ଥାନା ଅଧିକାରୀ ତ୍ରିନାଥ ସେଠୀ କହିଛନ୍ତି ଯେ, ଆଗାମୀ ଦିନରେ ପେଟ୍ରୋଲିଂ ଏବଂ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯିବ। ବେଆଇନ ବାଲି ଚୋରାଚାଲାଣ, ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା କିମ୍ବା ଅନ୍ୟ କୌଣସି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସର ଏହି ପଦକ୍ଷେପକୁ ସାଧାରଣ ଲୋକେ ସ୍ୱାଗତ କରିଥିବା ବେଳେ ବେଆଇନ କାର୍ଯ୍ୟକଳାପ ରୋକିବାରେ ଏହା ଫଳପ୍ରଦ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ ପାଇଛି।

## ୪ ଟିପ୍ପର ସହ ୩ ଟ୍ରାକ୍ଟର ଜବତ

ପାରଳାଖେମୁଣ୍ଡି, ୪।୬ (ସମିସ): ବେଆଇନ ବାଲି ଖନନ ଏବଂ ପରିବହନ ବିରୋଧରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟମୀନାଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ସମୟରେ ବୁଧବାର ବିଳମ୍ବିତ ରାତ୍ର ସମୟରେ ଏକ ସଂଗଠିତ ବାଲି ଚୋରା ଚାଲାଣ ଚକ୍ରର ସନ୍ଧାନ ମିଳିଥିବା ବେଳେ ବାଲି ବୋଝେଇ ୭ଟି ଗାଡ଼ି ଯଥା ୩ ଗୋଟି ଟ୍ରାକ୍ଟର ଏବଂ ୪ ଗୋଟି ଭାରୀ ଟିପର ଜବତ କରାଯାଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାଜ୍ୟ ରାଜପଥ-୪ ତଥା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଏହି ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବେଆଇନ ଭାବରେ ବାଲି ଉତ୍ତୋଳନ, ରୟାଲଟି ଏବଂ ଟିକସ ଫାଙ୍କି, ଜାଲିଆତିପୂର୍ଣ୍ଣ ଚାଲାଣ ବ୍ୟବହାର, ଓଭରଲୋଡିଂ ଏବଂ ସରକାରୀ ଖଣିଜ ସମ୍ପତ୍ତି ଚୋରି କରି ପରିବହନ କରାଯାଉଥିଲା । ଏହା ଦ୍ୱାରା ସରକାରଙ୍କ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅନୁମାନ କରାଯାଉଛି । ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ-୧୯୯, ୨୦୦, ୨୦୧, ୨୦୨, ୨୦୩, ୨୦୪, ୨୦୫ ଏବଂ ୨୦୬/୨୦୨୬ ରେ ସାତ ଗୋଟି ଗାଡି ଉପରେ ସାତ ଗୋଟି ମାମଲା ପୃଥକ ପୃଥକ ଭାବେ ରୁଜୁ କରାଯାଇଛି । ଏହି ମାମଲାଗୁଡ଼ିକରେ ମୋଟ ୧୩ ଜଣ ବ୍ୟକ୍ତି, ଯଥା ଗାଡ଼ି ମାଲିକ, ଚାଳକ ଏବଂ ବାଲି ପରିବହନ ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତି ଜଡ଼ିତ ଥିବା ଜଣାପଡ଼ିଛି । ଟ୍ରାକ୍ଟର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଚାଳକ ସୁରେଶ ସବର ଓ ମାଲିକ ଏସ୍. ବିଜୟ କୁମାର, ଚାଳକ ଦିନେଶ ଗୌଡ଼ ଓ ମାଲିକ ଏସ୍. ବିଜୟ କୁମାର, ଏବଂ ଚାଳକ ପ୍ରକାଶ ଗୌଡ଼ ଓ ମାଲିକ ଦିବାକର ଗୌଡ଼ଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏନେଇ ପୋଲିସ ଅଧିକା ସୂଚନା ଦେଇଛି ଯେ ଯେ ବେଆଇନ ବାଲି ଖନନ ଏବଂ ପରିବହନ କାର୍ଯ୍ୟକଳାପ ଏକ ସଂଗଠିତ ଚକ୍ର ମାଧ୍ୟମରେ ଚାଲିଥିଲା ଏବଂ ଏଥିରୁ



ବେଆଇନ ଆର୍ଥିକ ଲାଭ ହାସଲ କରାଯାଉଥିଲା । ଏହି ବେଆଇନ କାରବାର ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୂମିକା ଓ ସଂପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଛି । ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବେଆଇନ ଖଣିଜ ଖନନ, ଚୋରା ଚାଲାଣ ଏବଂ ପରିବହନରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ଶ୍ରୀ ଭୂପତି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା କ୍ଷେତ୍ର ଦିବସ

ଜି ଉଦୟଗିରି,୪।୬(ସମିସ ): କୃଷି ବିଭାଗ ଜି .ଉଦୟଗିରି ଆନୁକୂଲ୍ୟରେ ଏବଂ ସ୍ୱାତୀ କନ୍ଧମାଳ ସହଯୋଗରେ ଜି ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ ଗ୍ରାମପଞ୍ଚାୟତ ସ୍ଥିତ ବେଟିକଲା ଗ୍ରାମ ଠାରେ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା (ସିଆରଏଫଏମ)ର କ୍ଷେତ୍ର ଦିବସ, ତାଲିମ ଏବଂ ଧଳା ମଟର ଶସ୍ୟ କାଟ ଦିବସ ପାଳିତ ହୋଇ ଯାଇଅଛି। ଏହି କାର୍ଯ୍ୟକର୍ମରେ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ଘୁ.ଉଦୟଗିରି ଯୋଗ ଦେଇଥିବା ସହିତ ତାଲିମର ପ୍ରଶିକ୍ଷକ ହିସାବରେ ଗୋଷ୍ଠୀ କୃଷିଅଧିକାରୀ ନିରୁନିକୁଞ୍ଜ ବିହାରୀ ନାୟକ ଏବଂ ସହ କୃଷି ଅଧିକାରିଣୀ ପ୍ରିୟଦର୍ଶନୀ ମଲ୍ଲିକଙ୍କ ସହିତ ରବୀନ୍ଦ୍ର ପ୍ରଧାନ କୃଷି ପରି ଦର୍ଶକ ଲିଙ୍ଗଗଡ ଙ୍କ ସହିତ ନାଏବ ସରପଞ୍ଚ ରଶ୍ମିତା ପ୍ରଧାନ ଏବଂ ଗ୍ରାମ ପ୍ରତିନିଧି ଉଦୟନାଥ ମଲ୍ଲିକ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମରୁ ୧୨୦ ଜଣ ଚାଷୀ ଯୋଗ ଦେଇ କାର୍ଯ୍ୟ କର୍ମକୁ ଆଗେଇ ନେଇଥିଲେ।



ଏହି ବୈଠକକୁ କୃଷି ଆଧିକାରି ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିଭଳି ଭାବରେ ମଟର ଚାଷ କରାଯାଇ ପାରିବ ସେଇ ବିଷୟରେ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଯାହା ଫଳରେ କମ୍ ପାଣିରେ ଭଲ ଅମଳ ହୋଇ ପାରିବ ଏବଂ ଏହାକୁ ଏକ ବର୍ଷ ଯାଏ ଘରେ ରଖି ଖାଦ୍ୟରେ ବ୍ୟବହାର କରାଯାଇ ପାରିପା ସହିତ ଆବଶ୍ୟକ ସ୍ଥଳେ ଅଧିକ ଦରରେ ବିକ୍ରି କରାଯାଇ ପାରିବ ବୋଲି ମନ୍ତବ୍ୟ ଦେଇ ଥିଲେ ଏବଂ ଖରିଫ ଚାଷ ଅପେକ୍ଷା ରବି ଚାଷରେ କମ ପୋକ ଲାଗନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ଏହା ପରେ କୃଷି ଅଧିକାରିଣୀ ଧାନ ପରେ ମଟର ଚାଷ ଦ୍ୱାରା ଯବକ୍ଷାରଜାନ ବିବନ୍ଧନ କରି କିପରି ମାଟିକୁ ଉର୍ବର କରିବା ସହିତ ପରବର୍ତ୍ତୀ ଚାଷ ପାଇଁ କମ ସାର ଖର୍ଚ୍ଚ ହୋଇଥାଏ ତତ୍ ସଙ୍ଗେସଙ୍ଗେ ଗୋଟିଏ ଜମିରୁ ଦୁଇ ଟି ଫସଲ ମିଳିପାରିବ ବୋଲି ବୁଝାଇଥିଲେ ଏବଂ ଡାଲି ଜାତୀୟ ଖାଦ୍ୟ ସବୁବେଳେ ଖାଇବା ଦ୍ୱାରା ଦେହକୁ ଭିଟାମିନ ଓ ପୋଷକ ଶକ୍ତିମିଳିଥାଏ ତତ୍ ସଙ୍ଗେ ସଙ୍ଗେ ପରିବାର ପାଇଁ ମଟର ଚାଷ ଏକ ଖାଦ୍ୟ ସୁରକ୍ଷା ହିସାବରେ ପରିବାର ପାଇଁ ସହଯୋଗ କରିଥାଏ। ପଞ୍ଚାୟତ ସମିତି ଅଧକ୍ଷା ଚାଷୀ ମାନେ କିପରି ଭାବରେ ନିଜ, ନିଜ ଗୋରୁ ଗାଈକୁ ଆକଟ କରିବେ ଏବଂ ଗୋବର ଖତ ପ୍ରଚୁର ପରିମାଣରେ ବ୍ୟବହାର କରି ସେଥିରେ ଡାଲିଜାତୀୟ ମାଣ୍ଡିଆ ଜାତୀୟ ଫସଲ ବିସ୍ତୃତ ଭାବରେ କରିବାପାଇଁ ଅନୁରୋଧ କରିଥିଲେ। ଏହା ପରେ ପଞ୍ଚାୟତ କୃଷି ପରିଦର୍ଶକ ଆସନ୍ତା ବର୍ଷକୁ କିଭଳି ଭାବରେ ଅଧିକ ଚାଷୀ ମଟର ଓ ବିରି ଚାଷ କରିବେ ସେ ଦିଗରେ ଯୋଜନା ପ୍ରସ୍ତୁତି କରାଯାଇଥିଲା

ସମ୍ପୂର୍ଣ୍ଣ କାର୍ଯ୍ୟ କର୍ମକୁ ସ୍ୱାତୀ ସି. ଆର୍ .ଏଫ୍. ଏମ୍ ଜି.ଉଦୟଗିରି ବ୍ଲକ୍ର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ କୃଷକ ସାଥୀ ମହାଦେବ ପ୍ରଧାନ ବେଟିକଲା ଏବଂ ସ୍ୱାତୀର ମିନ୍ମୟ ବେହେର କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ତିନି ରଥ ନିର୍ମାଣ ପାଇଁ ସାଜସଜା ଆରମ୍ଭ



ପାରଳାଖେମୁଣ୍ଡି, ୪।୬ (ସମିସ) : ଜୁଲାଇ୧୬ରେ ହେବାକୁ ଥିବା ଉପାନ୍ତ ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ରଥ ଯାତ୍ରାକୁ ମାସାଧିକ ସମୟ ରହିଛି। ଚଳିତ ବର୍ଷ ତିନି ରଥ ନିର୍ମାଣ ପାଇଁ ପାରଳାଖେମୁଣ୍ଡି ମହାଦେଇ ସୁଶ୍ରୀ କଲ୍ୟାଣି ଗଜପତିଙ୍କ ଆଗ୍ରହ କ୍ରମେ ସାଜସଜା ତଥା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବଡ଼ଦାଣ୍ଡରେ ତିନି ରଥର କାଠକୁ ଅଣାଯାଇ କାମ ଆଗେଇ ଚାଲିଛି। ବର୍ତ୍ତମାନ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଜଗାଙ୍କ ତିନି ରଥର କାଠ ଗୁଡିକୁ ବାହାର କରି ପୃଥକ ପୃଥକ ଭାବେ ନିରୀକ୍ଷଣ କରାଯାଇ ସଜା ଯାଉଛି। ଏଥି ମଧ୍ୟରେ ଯଦି କାଠ ନଷ୍ଟ ହୋଇଥାଏ ତେବେ ତାକୁ ବଦଳାଇ ଦିଆଯିବ। ରଥ ନିର୍ମାଣ କମିଟିର ଉପାଧ୍ୟକ୍ଷ ତଥା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣର ମୁଖ୍ୟ ଅଶୋକ ମହାରାଣା ଏବଂ ତାଙ୍କ ଟିମ୍ ଦ୍ୱାରା ରଥ ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ନିର୍ମାଣ କାମର ଚୂଡାନ୍ତ ପର୍ଯ୍ୟାୟ ରୂପ ଦେବାକୁ କାରିଗରମାନେ ମାସାଧିକ ନିମଗ୍ନ ରହିବେ। ତେବେ ଖରାକୁ ଖାତିର ନକରି କାରୀଗର ମାନେ ଏହି କାମ ଆରମ୍ଭ କରିଥିବାର ଦେଖିବାକୁ ମିଳିଛି । ସେହିପରି ରଥଯାତ୍ରା ପାଳନ ପାଇଁ ଗଠିତ ହୋଇଥିବା ବିଭିନ୍ନ କମିଟି ପ୍ରସ୍ତୁତିକୁ ନେଇ ସଜବାଜ ହେଉଥିବାର ଜଣାପଡିଛି । ତିନି ରଥ ରାଜଦାଣ୍ଡରେ ଦେଖି ବିଶେଷ କରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଏନେଇ ରଥ କମିଟି ପକ୍ଷରୁ କୁହାଯାଇଛି ଯେ, ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟ ଚାଲୁ ରହିଛି। ସମୟ ସୀମା ମଧ୍ୟରେ ତିନିରଥ କାର୍ଯ୍ୟ ମଧ୍ୟ ସମାପନ ହେବ ଏବଂ ଅତି ଧୂମ୍ ଧାମରେ ଚଳିତ ବର୍ଷ ରଥଯାତ୍ରା ପାଳନ ପାଇଁ ଲକ୍ଷ୍ୟ ରଖାଯାଇଛି।

## ଏସ୍‌ପି ବାଲାସୁବ୍ରମଣ୍ୟମଙ୍କ ଜୟନ୍ତୀରେ ସଙ୍ଗୀତ ସନ୍ଧ୍ୟା

କାଶୀନଗର, ୪।୬(ସମିସ): ପ୍ରଖ୍ୟାତ ଭାରତୀୟ ପାର୍ଶ୍ୱଗାୟକ ଓ ସଙ୍ଗୀତ ଜଗତର ଅନନ୍ୟ ପ୍ରତିଭା ଏସ୍‌ପି ବାଲାସୁବ୍ରମଣ୍ୟମଙ୍କ ଜୟନ୍ତୀ ଉପଲକ୍ଷେ କାଶୀନଗର ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ଭବ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାଶୀନଗର ମ୍ୟୁଜିକାଲ ମେଲୋଡି ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତପ୍ରେମୀ ଓ କଳାପ୍ରେମୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ କାଶୀନଗର ତହସିଲଦାର ସୁଧୀର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ ଏସ୍‌ପି. ବାଲାସୁବ୍ରମଣ୍ୟମଙ୍କ ସଙ୍ଗୀତ ଜୀବନ ଓ ଭାରତୀୟ ସଙ୍ଗୀତ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରି କହିଥିଲେ ଯେ, ତାଙ୍କର ମଧୁର କଣ୍ଠସ୍ୱର ଆଜି ମଧ୍ୟ କୋଟି ଅଂଶଗ୍ରହଣ କରି ଏସ୍‌ପି. ବାଲାସୁବ୍ରମଣ୍ୟମଙ୍କ ଦ୍ୱାରା ଗାଇଥିବା ଲୋକପ୍ରିୟ ଓ ଚିରସବୁଜ ଗୀତ ପରିବେଷଣ କରିଥିଲେ। ସେମାନଙ୍କ ମନୋମୁଗ୍ଧକର ପରିବେଷଣରେ ଉପସ୍ଥିତ ଦର୍ଶକମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ଗୀତ ସହିତ ସଙ୍ଗୀତର ମଧୁର ଲହରୀ ସମଗ୍ର ପରିବେଶକୁ ସଙ୍ଗୀତମୟ କରିଦେଇଥିଲା। କାର୍ଯ୍ୟକ୍ରମକୁ କିଶୋର ନାଗବଂଶ, ବି. ଗୋପାଳ ରାଓ ଓ କେ. ଈଶ୍ୱର ରାଓ ସୁଚାରୁରୂପେ ପରିଚାଳନା କରିଥିଲେ। ସେମାନଙ୍କ ଉଦ୍ୟମ ଓ ସମନ୍ୱୟ ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ବିଶେଷକରି ଏହା କାଶୀନଗରରେ ଦ୍ୱିତୀୟ ଥର ପାଇଁ ଏଭଳି ବୃହତ୍ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ସ୍ଥାନୀୟ କଳାକାର ଓ ସଙ୍ଗୀତପ୍ରେମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।



କୋଟି ସଙ୍ଗୀତପ୍ରେମୀଙ୍କ ହୃଦୟରେ ଅମର ହୋଇ ରହିଛି। ଅବସରପ୍ରାପ୍ତ ଶିକ୍ଷକ ଭି. କୁର୍ମାନନ୍ଦ ଓ ଏମ୍ ଶ୍ରୀନିବାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲେ। ସେମାନେ ମଧ୍ୟ ବାଲାସୁବ୍ରମଣ୍ୟମଙ୍କ ସଙ୍ଗୀତ ସାଧନା ଏବଂ ତାଙ୍କର ଅବିସ୍ମରଣୀୟ ଗୀତଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଙ୍ଗୀତ ସନ୍ଧ୍ୟାରେ ୩୦ରୁ ଅଧିକ ଗାୟକ ଓ ଗାୟିକା ଶେଷରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗାୟକ ଓ ଗାୟିକାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଙ୍ଗୀତ ମାଧ୍ୟମରେ ଏସ୍‌ପି ବାଲାସୁବ୍ରମଣ୍ୟମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସ୍ମୃତିକୁ ଚିରସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛି।

### ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ବଲିଉଡ କଣ୍ଠଶିଳ୍ପୀ ସଚେତ-ପରମ୍ପରା ଓ ଶୈଳେନ୍ଦ୍ରଙ୍କ ଡ୍ୟାନ୍ସ





ଛତ୍ରପୁର, ୪/୬(ସମିସ):

ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ସହିତ ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦ୍?ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବଲିଉଡର ଲୋକପ୍ରିୟ ଯୋଡି ସଚେତ-ପରମ୍ପରା ଆଜି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ । ସେମାନଙ୍କର ଶକ୍ତିଶାଳୀ 'ଶିବ ତାଣ୍ଡବ ସ୍ତୋତ୍ରମ୍', 'ହର ହର ଶମ୍ଭୁ' ଓ ଫିଲ୍ମ 'ଆଦିପୁରୁଷ'ର 'ରାମ ସିୟା ରାମ' ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ଓଲିଉଡ଼ ଷ୍ଟାର୍ ଶୈଳେନ୍ଦ୍ରଙ୍କ ଫିଲ ମାଇ ଲଭ ସଙ୍ଗୀତ ସହିତ 'ପାଗଳ ପ୍ରେମୀ', ଚିକିନି ଚିକିନି, ଦିଲକି ରାନୀ, 'ଟୋକା ସେଲିବ୍ରିଟି' ଆଦି ଗୀତରେ ଜବରଦସ୍ତ ପରଫର୍ମାନ୍ସ ଦେଇଥିଲେ।

ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା ଶରବଣା ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବି. ସି., ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କେରକେଟା, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ଶିକ୍ଷାନବୀସ ସୁଶ୍ରୀ ସାରାନ୍ୟା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

### ■ ଛତ୍ରପୁର ଅଞ୍ଚଳର ଡାକ୍ତର, ମେଧାବୀ ■ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା

ଏହି ଅବସରରେ ଛତ୍ରପୁର ସରକାରୀ ଉପଖଣ୍ଡ ମେଡିକାଲର ଅଧିକ୍ଷିକ ଡା ଅଲେଖ ପ୍ରଧାନ, ମୁନିସିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକ୍ଷିକ ଡା ସ୍ୱାଧୀନ ରଥ, ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକ୍ଷିକ ଡା ସୌମ୍ୟ ରଞ୍ଜନ ମହାପାତ୍ର ଙ୍କ ସହିତ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛତ୍ରପୁର ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ଓ ଜାତୀୟସ୍ତରର କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ପାଇଁ ଛତ୍ରପୁର ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଏହା ସହିତ ଏମ୍. ଏସ୍ ଦାସକାଠିଆ ଦଳ ସଡଙ୍ଗିପଲ୍ଲୀର ଦାସକାଠିଆ, ସାଇ ଶ୍ରୀ ନୃତ୍ୟାୟନ ଛତ୍ରପୁରର ରାଜସ୍ଥାନୀ, ପ୍ରଗତି କଳା କେନ୍ଦ୍ର ଛତ୍ରପୁରର ଗୋଧା ନାଚ, ନିୟୁ ଟ୍ୟାଲେଣ୍ଟ ଡ୍ୟାନ୍ସ ଏକାଡେମୀର ଆଧୁନିକ ନୃତ୍ୟ, ଅଙ୍ଗହାର ନୃତ୍ୟାୟନ ବ୍ରହ୍ମପୁରର ଆଦିବାସୀ ନୃତ୍ୟ, ଡି.ଏସ୍.ଆର୍ କଲ୍‌ଚରାଲ୍ ଏଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ଛତ୍ରପୁରର ଆଧୁନିକ ନୃତ୍ୟ, ଓଡ଼ିଶୀ ନୃତ୍ୟାୟନ ବ୍ରହ୍ମପୁରର ମାହାରୀ ନୃତ୍ୟ , ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀ ଛତ୍ରପୁରର ଆଧୁନିକ ନୃତ୍ୟ, ବିବିଧା ଫାଉଣ୍ଡେସନ ଫର ଆର୍ଟ ଏଣ୍ଡ କଲ୍‌ଚର ଛତ୍ରପୁରର ମଣିଷ ବାଘ ନାଚ, ଏକ ତାରା କଳା କେନ୍ଦ୍ର ଟିଟିଲାଗଡ଼ର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଶୁକ୍ରବାର ପଞ୍ଚମ ତଥା ଶେଷ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅଙ୍କିତା ଭଟ୍ଟାଚାର୍ଯ୍ୟ, ପ୍ରଜ୍ଞା ହୋତା, ସଚିନ ରାଉତ ଓ ଆର ଡି ଏକ୍ସ ଡ୍ୟାନ୍ସ ଗ୍ରୁପ ସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିବେ ।

